ଆଦିବାସୀ ଭାଷା ଅଧ୍ୟୟନମାଳା

Tribal Language Study Series
Volume-VII

# ଜୁଆଙ୍ଗ

# JUANG

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ACADEMY OF TRIBAL DIALECTS & CULTURE**
HARIJAN & TRIBAL WELFARE DEPARTMENT
Government of Orissa

# ଜୁଆଙ୍ଗ

(ବ୍ୟାକରଣ, ରଚନାବଳୀ, ଶବ୍ଦକୋଷ)


ସଂକଳକ

ସସ୍ମିତା ମହାପାତ୍ର, ଏମ୍. ଏ.

ସୂଚକ

ଶ୍ରୀମତୀ କସ୍ତୁରୀ ଜୁଆଙ୍ଗ

ଶ୍ରୀ ନର ଜୁଆଙ୍ଗ

ଶ୍ରୀ କୁଳମଣି ଜୁଆଙ୍ଗ

ନିର୍ଦ୍ଦେଶକ

ଖଗେଶ୍ୱର ମହାପାତ୍ର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ

ଭୁବନେଶ୍ୱର

୧୯୯୧

ACKNOWLEDGEMENT

The study was carried out with financial assistance from the Ministry of Welfare (T. D.) Govt. of India in 1989-90

# JUANG

Compilation : Sasmita Mohapatra, M.A.

Informants : Smt. Kasturi Juang

Sri Nara Juang

Sri Kulamani Juang

Supervisor : Khageswar Mahapatra

ACADEMY OF TRIBAL DIALECTS & CULTURE

Harijan & Tribal Welfare Department, Govt. of Orissa

Adivasi Exhibition Ground, Bhubaneswar-751009

1991

Price : Rupees **Fifty two** only

Printed at Laxmi Art Printers, Bhubaneswar

# ମୁଖବନ୍ଧ

ଓଡ଼ିଶାର ଅଧିବାସୀ ପ୍ରାଚୀନତମ ଜନଜାତିଙ୍କ ମଧ୍ୟରେ 'ଜୁଆଙ୍ଗ' ଅନ୍ୟତମ ବୈଶିଷ୍ଟ୍ୟ ସମ୍ପ୍ରଦାୟ । ଏପରିକି ଗତ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଜୁଆଙ୍ଗ ଲୋକମାନେ ବସ୍ତ୍ର ସ୍ୱରୂପ ପତ୍ର ପରିଧାନ କରୁଥିଲେ । ତେଣୁ ସେମାନଙ୍କର ଅନ୍ୟ ଏକ ଡାକ ନାମ ଥିଲା 'ପାତ୍ରୁଆ' । ଫକୀରମୋହନ ସେନାପତି ସେମାନଙ୍କ ବିଷୟରେ 'ପାତ୍ରୁଆ ପାତ୍ରୁଣି' ନାମରେ ଗୋଟିଏ କବିତା ମଧ୍ୟ ଲେଖିଥିଲେ ଏବଂ ସେମାନଙ୍କର ସ୍ୱଭାବ ସୁନ୍ଦର ଜୀବନର ପ୍ରଶଂସା କରି କହିଥିଲେ—

କରଂଚ ପାତ୍ରୁଆ କେଣେ ଭ୍ରମିବା ବନରେ
ଉଚ୍ଚ, କଳୁଷ ପ୍ରାଣେ ସଭ୍ୟ ସମାଜରେ
ଅନୁଚିତ ନାଚ—ଯାହା ନିରନ୍ତ ଆଚାର ।
ପାତ୍ରୁଆ ଜୀବନ ବନ୍ଧୁଗୁଣେ ଶ୍ରେଷ୍ଠତର ।

ଏହି ଜୁଆଙ୍ଗମାନେ ସାରା ବିଶ୍ୱରେ କେବଳ ଓଡ଼ିଶାରେ ତଥା କେବଳ କେନ୍ଦୁଝର - ଢେଙ୍କାନାଳ ଅନ୍ତର୍ବର୍ତ୍ତୀ ଅଂଚଳରେ ହିଁ ବାସ କରନ୍ତି । ସେମାନଙ୍କର ଭାଷା, ସଂସ୍କୃତି ଓ ଜୀବନ ଯାପନ ପ୍ରଣାଳୀ ଅନନ୍ୟ ସାଧାରଣ । ଅବଶ୍ୟ ବର୍ତ୍ତମାନ ସେମାନେ ଉନ୍ନୟନ ପଥରେ ପାଦ ଦେଇଛନ୍ତି ଏବଂ କ୍ରମଶଃ ଜାତୀୟ ମୁଖ୍ୟ ସ୍ରୋତ ସହିତ ସଂଯୁକ୍ତ ହେବାର ସମୟ ଆସିଛି । ଏହି ସନ୍ଧିକ୍ଷଣରେ ସେମାନଙ୍କର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବ୍ୟତିବ୍ୟସ୍ତ ନକରି ସେମାନଙ୍କୁ ଯେପରି ସମସ୍ତଙ୍କ ସହିତ ସମନ୍ୱିତ କରିବାକୁ ହେବ ତାହା ଆମର କର୍ତ୍ତବ୍ୟ ।

ଏହି ଦୃଷ୍ଟିରୁ ଜୁଆଙ୍ଗ ସଂସ୍କୃତିର ଏକ ବିଶିଷ୍ଟ ଉପାଦାନ ତାଙ୍କର ଭାଷା ଆମର ପ୍ରଣିଧେୟ ଓ ସଂରକ୍ଷଣୀୟ । ବିଶେଷତଃ ସେମାନଙ୍କ ସେବାରେ ସଂପୃକ୍ତ ସମସ୍ତ ସରକାରୀ କର୍ମଚାରୀମାନେ ଜୁଆଙ୍ଗ ଭାଷା ଆୟତ୍ତ କରି ସେମାନଙ୍କ ସହିତ ଆନ୍ତରିକ ଓ ସ୍ୱାଭାବିକ ସମ୍ପର୍କ ସ୍ଥାପନ କରିବା ଏକାନ୍ତ ଆବଶ୍ୟକ । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଏଥିପାଇଁ ଏହି ଜୁଆଙ୍ଗ ଭାଷା ସହାୟକ ପୁସ୍ତକ ଖଣ୍ଡିକ ସଂକଳନ କରାଯାଇଛି । ମୁଁ ଆଶାକରୁଛି ପୁସ୍ତକଟି ସମସ୍ତଙ୍କ ପକ୍ଷରେ ଉପଯୋଗୀ ହେବ ଏବଂ ଏକାଡେମୀର ଲକ୍ଷ୍ୟ ସାର୍ଥକ ହେବ ।

**ଶ୍ରୀ ଛୋଟରାୟ ମାଝୀ**
ସଭାପତି
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର
ତଥା
ରାଜ୍ୟମନ୍ତ୍ରୀ
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ, ଓଡ଼ିଶା

# ଭୂମିକା

ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଆଦିବାସୀ ଭାଷାଶିକ୍ଷା ନିମନ୍ତେ ସହାୟକ ପୁସ୍ତିକା ପ୍ରସ୍ତୁତ କରିବାକୁ ଏକ ପ୍ରକଳ୍ପ ଗ୍ରହଣ କରାଯାଇଛି । ତଦନୁସାରେ ପ୍ରଥମ ପର୍ଯ୍ୟାୟରେ କିସାନ, ଓରାଓଁ, ଡିଡାୟୀ, କୁଇ ଓ ସାନ୍ତାଳୀ ଭାଷା ଉପରେ ପୁସ୍ତିକା ପ୍ରକାଶିତ ହୋଇଛି ।

ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଗାଦବା, ଜୁଆଂଗ, ଖଡ଼ିଆ, ଲାଞ୍ଜିଆ ସଉରା ଓ କୋୟା ଭାଷା ବିଷୟରେ ନିମ୍ନଲିଖିତ ଧରଣର ପୁସ୍ତିକା ପ୍ରସ୍ତୁତ ପାଇଁ ଉପାଦାନ ସଂଗ୍ରହ କରାଯାଇଛି ।

୧ । ବ୍ୟାକରଣ

୨ । ରଚନା (ଗଳ୍ପ, ପ୍ରବନ୍ଧ, ଗୀତ, ଢଗଢମାଳି ଇତ୍ୟାଦି)

୩ । ଶବ୍ଦକୋଷ : (କ) ଆଦିବାସୀ ଭାଷା-ଓଡ଼ିଆ/ଇଂରାଜୀ

(ଖ) ଓଡ଼ିଆ-ଆଦିବାସୀ ଭାଷା

ଏହି ପୁସ୍ତିକାଗୁଡ଼ିକ ନିତ୍ୟବ୍ୟବହାର୍ଯ୍ୟ ଭାଷାଶିକ୍ଷା ନିମନ୍ତେ ସରଳ ଭାବରେ ଲେଖାଯାଇଛି । ଏହା ଉଭୟ ଆଦିବାସୀ ଏବଂ ଅଣ-ଆଦିବାସୀ ଲୋକଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ।

ପ୍ରସ୍ତୁତ 'ଜୁଆଙ୍ଗ' ଭାଷା ପୁସ୍ତିକାର ଉପାଦାନ ସଂଗ୍ରହ ଓ ଲେଖା ପ୍ରଣୟନ କରିଛନ୍ତି କୁମାରୀ ଅର୍ଚ୍ଚନା ମହାପାତ୍ର ଏବଂ ଏଥିରେ ତାଙ୍କର ଆଦିବାସୀ ଭାଷା-ସହାୟକ ହୋଇଛନ୍ତି ଶ୍ରୀମତୀ କସ୍ତୁରୀ ଜୁଆଙ୍ଗ, ଶ୍ରୀ ନର ଜୁଆଙ୍ଗ ଏବଂ ଶ୍ରୀ କୁଳମଣି ଜୁଆଙ୍ଗ । ଏଥିପାଇଁ ଏମାନେ ଆମର ଧନ୍ୟବାଦାର୍ହ ।

ଆଶାକରାଯାଏ ଯେ, ଏହା ଅଧିକ ଲୋକଙ୍କର ଉଦ୍‌ବ୍ୟବହାରରେ ଲାଗିବ ଏବଂ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବ ।

ଏପରି ଏକ ଉପଯୋଗୀ ପ୍ରକଳ୍ପର ପୃଷ୍ଠପୋଷକତା କରିଥିବାରୁ ଭାରତ ସରକାରଙ୍କ କଲ୍ୟାଣ ମନ୍ତ୍ରାଳୟ ଏବଂ ଏକାଡେମୀ ପରିଚାଳନା ସମିତିର ସଭାପତି, ଉପ-ସଭାପତି ଓ ସଭ୍ୟବୃନ୍ଦଙ୍କ ନିକଟରେ ଆମେ କୃତଜ୍ଞ ।

ଭୁବନେଶ୍ୱର
ତା ୧ । ୭ । ୯୧

ଖଗେଶ୍ୱର ମହାପାତ୍ର
ନିର୍ଦ୍ଦେଶକ

# ସୂଚନା

ଏହି ପୁସ୍ତିକାରେ ଜୁଆଙ୍ଗ ଭାଷାର କଥାଗୁଡ଼ିକ ରୋମାନ୍ ଲିପିଭିତ୍ତିକ ଆନ୍ତର୍ଜାତିକ ଧ୍ୱନିତାତ୍ତ୍ୱିକ ଲିପି ( I. P. A. ) ମାଧ୍ୟମରେ ଉଲ୍ଲେଖ କରାଯାଇଛି । ଜୁଆଙ୍ଗ ଭାଷାର ଉଚ୍ଚାରଣ ବୈଶିଷ୍ଟ୍ୟ ଧରିପାରିବା ନିମନ୍ତେ " ବ୍ୟାକରଣ " ଅନ୍ତର୍ଗତ " ଧ୍ୱନିତତ୍ତ୍ୱ " ଅନୁଚ୍ଛେଦଟି ଅନୁସରଣୀୟ । ଅବଶ୍ୟ ଉଚ୍ଚାରଣଗତ ବୈଶିଷ୍ଟ୍ୟ ଫୁଟାଇ ଓଡ଼ିଆ ଲିପିରେ ମଧ୍ୟ ଏହି କଥାଗୁଡ଼ିକ ଉଲ୍ଲେଖ କରାଯିବାର ପ୍ରଯତ୍ନ କରାଯାଇପାରେ, ତେବେ ଭାଷା ଶିକ୍ଷା ନିମନ୍ତେ ଧ୍ୱନିତାତ୍ତ୍ୱିକ ଲିପି ଅତ୍ୟନ୍ତ ଅନୁକୂଳ ବୋଲି ବିବେଚିତ ହେଉଥିବାରୁ ଏଭଳି ଏକ ଭାଷା ଶିକ୍ଷା ସହାୟକ ପୁସ୍ତିକାରେ ଓଡ଼ିଆ ଲିପି ପରିବର୍ତ୍ତେ ରୋମାନ୍ ଲିପି ଗ୍ରହଣ କରାଯିବାର ଉପାଦେୟତା ସ୍ୱୀକାର୍ଯ୍ୟ ।

ସଙ୍କେତ ବ୍ୟାଖ୍ୟା :—

| | |
|---|---|
| - | (ମଝିରେ ଥିଲେ) ଶବ୍ଦ ସୀମା |
| | (ପୂର୍ବରେ ଥିଲେ) ଉପସର୍ଗ |
| | (ପରେ ଥିଲେ) ପରପ୍ରତ୍ୟୟ |
| < | ବ୍ୟୁତ୍ପତ୍ତି ସୂତ୍ର |
| ŋ | ଙ |
| ḍ | ଡ଼ |
| ṛ | ଢ଼ |
| ṭ | ଟ |
| ḷ | ଳ |
| ɔ | ଅ |
| / | ବିକଳ୍ପ |
| ~ | ଚନ୍ଦ୍ରବିନ୍ଦୁ |

ପ୍ରଥମ ଭାଗ

# ବ୍ୟାକରଣ

# ସୂଚୀ


୦ । ଉପକ୍ରମଣିକା

୧ । ଧ୍ୱନିତତ୍ତ୍ୱ

୧. ସ୍ୱନିମ ସୂଚୀ ୨. ସ୍ୱନିମ ସମୂହର ଧ୍ୱନିତାତ୍ତ୍ୱିକ ବର୍ଗୀକରଣ

୩. ବିତରଣ ୪. ସଂଯୁକ୍ତଧ୍ୱନି ୫. ଅକ୍ଷର

୨ । ବ୍ୟାକରଣିକ ସଂରଚନା

୨.୦ ଶବ୍ଦ

(କ) ମୌଳିକ ଶବ୍ଦ (ଖ) ବ୍ୟୁତ୍ପାଦିତ ଶବ୍ଦ

୨.୧ ବିଶେଷ୍ୟ ପଦର ରୂପ ରଚନା

୧. ଲିଙ୍ଗ ୨. ବଚନ ୩. କାରକ

୨.୨ । ସର୍ବନାମ

୧. ସର୍ବନାମ ପଦାବଳୀ ୨. ସର୍ବନାମପଦର ରୂପରଚନା

୨.୩ । ବିଶେଷଣ

୧. ସାଧାରଣ ବିଶେଷଣ ପଦ ୨. ବିଶେଷ୍ୟ ପଦରୁ ନିଷ୍ପନ୍ନ ବିଶେଷଣପଦ

୩. ସର୍ବନାମପଦରୁ ନିଷ୍ପନ୍ନ ବିଶେଷଣ ୪. ସଂଖ୍ୟାଶବ୍ଦ

୨.୪ । କ୍ରିୟା

୨.୪.୧. ସମାପିକା କ୍ରିୟାପଦ ଗଠନର ଉପାଦାନ

୧. ଧାତୁ/ପ୍ରାତିପଦିକ ୨. କାଳ ୩. ଆଭିମୁଖ୍ୟ ୪. ଭାବ ୫. ପୁରୁଷ-ବଚନ

୨.୪.୨ କ୍ରିୟାର ରୂପାନ୍ତରୀକରଣ

୨.୪.୩. ନାସ୍ତ୍ୟର୍ଥକକ୍ରିୟା

୨.୪.୪. ଅସମାପିକା କ୍ରିୟା

୨.୪.୫ ଦୃଷ୍ଟାନ୍ତ ମୂଳକ ରୂପାବଳୀ

୨.୫ । ନିପାତ

୩ । ବାକ୍ୟ ସଂରଚନା

୧. ସରଳ ବାକ୍ୟ ୨. ଯୌଗିକବାକ୍ୟ ୩. ଜଟିଳବାକ୍ୟ

୪. ଅସମ୍ପୂର୍ଣ୍ଣବାକ୍ୟ ୫. ଅନୁବୃତ୍ତି

# ଉପକ୍ରମଣିକା

ଆଦିବାସୀବହୁଳ ରାଜ୍ୟ ଭାବେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଶାରେ ୬୨ଟି ଉପଜାତି ବସବାସ କରନ୍ତି ଓ ଏମାନଙ୍କୁ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା ଏହିପରି ତ୍ରିବିଧ ଗୋଷ୍ଠୀରେ ବର୍ଗୀକୃତ କରାଯାଇଛି ।

ଜୁଆଙ୍ଗ ଓଡ଼ିଶାର ଏକ ପ୍ରାଚୀନତମ ଆଦିବାସୀ ଉପଜାତି । ଏହି ଉପଜାତି କେବଳ ଓଡ଼ିଶାରେ ଦେଖାଯାଆନ୍ତି । ଏମାନେ ମୁଖ୍ୟତଃ କେନ୍ଦୁଝର ଜିଲ୍ଲା ଏବଂ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା ଅଞ୍ଚଳରେ ବାସକରନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ଜୁଆଙ୍ଗ ପୀଢ଼ର କୈନ୍ଦ୍ରିକ ପୀଠ । "ଜୁଆଙ୍ଗ" ଶବ୍ଦର ଅର୍ଥ ମଣିଷ । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ଯେ ସେମାନେ ହିଁ ସୃଷ୍ଟିରେ ଆବିର୍ଭୂତ ହୋଇଥିବା ପ୍ରଥମ ମାନବଜାତିର ପ୍ରତ୍ୟକ୍ଷ ବଂଶଧର । ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକା ପର୍ବତକୁ ହିଁ ଜୁଆଙ୍ଗମାନେ ସେମାନଙ୍କର ସୃଷ୍ଟିର ମୂଳ ସ୍ଥାନ ରୂପେ ମାନ୍ୟ କରନ୍ତି । ଏ ସମ୍ପର୍କରେ ଏକ କିମ୍ବଦନ୍ତୀ ପ୍ରଚଳିତ । କଥିତ ଅଛି - ଧର୍ମ ଦେବତାଙ୍କ ଇଚ୍ଛାନୁସାରେ ସର୍ବପ୍ରଥମେ ଜଣେ ଋଷିଙ୍କ ଔରସରେ ଜୁଆଙ୍ଗମାନଙ୍କର ପ୍ରଥମ ବଂଶଧର ଗୋନାସିକା ପର୍ବତରେ ହିଁ ଜନ୍ମ ନେଇଥିଲେ । ଜୁଆଙ୍ଗ ପୀଢ଼ଟି କେନ୍ଦୁଝରର ଦକ୍ଷିଣଭାଗରେ ଅବସ୍ଥିତ । କେନ୍ଦୁଝର ଜିଲ୍ଲା ସେମାନଙ୍କର ଆଦି ବାସସ୍ଥାନ ହୋଇଥିବାରୁ କାଳକ୍ରମେ କେନ୍ଦୁଝର ଜିଲ୍ଲାରୁହିଁ ସେମାନେ ଢେଙ୍କାନାଳ ଅଞ୍ଚଳକୁ ଯାଇ ବାସକରିଥିବାର ବିଶ୍ୱାସ କରାଯାଏ ।

ଜନସଂଖ୍ୟା ଦୃଷ୍ଟିରୁ ଜୁଆଙ୍ଗ ଏକ କ୍ଷୁଦ୍ର ସମ୍ପ୍ରଦାୟ । ୧୯୮୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ୩୦,୮୭୬ ଯାହାକି ଓଡ଼ିଶାର ଆଦିବାସୀ ଜନସଂଖ୍ୟାର ଶତକଡ଼ା ୦.୫୧ ଭାଗ ।

ପ୍ରତ୍ୟେକ ଆଦିବାସୀ ଉପଜାତିପରି ଜୁଆଙ୍ଗମାନଙ୍କର ଯେଉଁ ସ୍ୱତନ୍ତ୍ର ଉପଜାତୀୟ ପରିଚୟ ରହିଛି ଏବଂ ତାହା କଳା ଓ ଶିଳ୍ପ, ନୃତ୍ୟ ଓ ଗୀତ, ପରମ୍ପରା ଓ ରୀତିନୀତି ଇତ୍ୟାଦି ମଧ୍ୟରେ ଯେପରି ପ୍ରତିଫଳିତ ଓ ଉଦ୍‌ବୋଧିତ ଭାବେ ସେମାନଙ୍କର ଭାଷାରେ ଉପଲବ୍ଧ । ସେମାନଙ୍କ ଉପଜାତୀୟତାର କେନ୍ଦ୍ରରେ ଭାଷା ପ୍ରତିଷ୍ଠିତ ।

ଜୁଆଙ୍ଗଭାଷା ମୁଣ୍ଡା (ଅଷ୍ଟ୍ରିକ) ଭାଷା ପରିବାରର ଅନ୍ତର୍ଗତ । ଅନ୍ୟାନ୍ୟ ଭାଷା ମଧ୍ୟରେ ଏହାର ସ୍ଥାନ ନିମ୍ନଲିଖିତ ନକ୍ସାରେ ଦ୍ରଷ୍ଟବ୍ୟ ।




ଉପରୋକ୍ତ ନକ୍ସାନୁସାରେ କେନ୍ଦ୍ରୀୟମୁଣ୍ଡାର ଦୁଇଟି ଶାଖା-ଖଡ଼ିଆ ଓ ଜୁଆଙ୍ଗ । ତେଣୁ ଜୁଆଙ୍ଗ ଭାଷାର ଭେଦଭେଦ ଶବ୍ଦ ଓ ରୂପରଚନା ସହିତ ଖଡ଼ିଆ ଭାଷାର ଅନେକ ସାମ୍ୟ ପରିଲକ୍ଷିତ ହୁଏ । ଜୁଆଙ୍ଗ ଭାଷାର ନିଜସ୍ୱଲିପି ବା ଲିଖିତ ସାହିତ୍ୟ ନଥିଲେ ମଧ୍ୟ ଏହା ଏକ ଭାବ ପ୍ରକାଶକ୍ଷମ ଭାଷା । ଏ ଭାଷାରେ ପ୍ରଚୁର ମୌଖିକ ସାହିତ୍ୟ, ଗଳ୍ପ, କାହାଣୀ, କିମ୍ବଦନ୍ତୀ, ଢଗ, ପ୍ରବାଦ ଗୀତ ଇତ୍ୟାଦି ରୂପରେ ଉପଲବ୍ଧ ।

## (୧) ଧ୍ୱନିତତ୍ତ୍ୱ

୧. ୧. ଜୁଆଙ୍ଗ ଭାଷାର ମୂଳ ଧ୍ୱନି ସମୂହ ନିମ୍ନଲିଖିତ ସ୍ୱନିମ ରୂପରେ ନିର୍ଦ୍ଧାରଣୀୟ ।

| ସ୍ୱନିମ | ସମତୁଲ୍ୟ ଓଡ଼ିଆ ଧ୍ୱନି | ଉଦାହରଣ |
|---|---|---|
| i | ଇ | iña (ଇଞା) ଘର |
| u | ଉ | uṇḍia (ଉଣ୍ଡିଆ) ଶସ୍ୟ |
| e | ଏ | ejelaŋ (ଏଜେଲଙ୍) ଶୋଷ |
| a | ଆ | ajɔr (ଆଜର୍) ଖଣ୍ଟା |
| ɔ | ଅ | ɔle (ଅଲେ) ଆମ୍ଭ |
| k | କ | kuŋkulaŋ (କୁଙ୍କୁଲଙ୍) ପ୍ରଜାପତି |
| g | ଗ | gima (ଗିମା) ମେଘ |
| t | ତ | tɔmɔr (ତମର୍) ଘାଣ୍ଟି |
| d | ଦ | duḷi (ଦୁଳି) ଧୂଳି |
| ṭ | ଟ | ṭimiŋ (ଟିମିଙ୍) ବରୁଣ୍ଡ |
| ḍ | ଡ | ḍiɔ (ଡିଅ) ଜଳ |
| c | ଚ | cuṭa (ଚୁଟା) ଗ୍ରେଷ୍ଟା |
| j | ଜ | jaliŋ (ଜାଲିଙ୍) ଉଜା |
| p | ପ | pada (ପାଦା) ପଡ଼ିଆ |
| b | ବ | bui (ବୁଇ) ମା |
| s | ସ୍ | susuter (ସୁସୁତେର୍) ଅଣ୍ଡା |
| m | ମ୍ | misiŋ (ମିସିଙ୍) ଆଜି |
| n | ନ୍ | nukuti (ନୁକୁତି) ନଖ |
| ṇ | ଣ | muṇun (ମୁଣୁନ୍) ମଣ୍ଡଳ |
| ñ | ଞ | añ (ଆଞ୍) ମୁଁ |
| ŋ | ଙ | lɔŋ (ଲଙ୍) ସୁର୍ହିକା |
| l | ଲ୍ | leraŋ (ଲେରଙ୍) ଚନ୍ଦ୍ର |

| | | |
|---|---|---|
| ḷ | ଳ | aḷɔ (ଆଳ) ବାଉଁଶ |
| ṛ | ଡ଼ | rigṛi (ରିଗ୍‌ଡ଼ି) ଘୋଡ଼ା |
| r | ର | rag (ରାଗ୍) ଡାକିବା |

## ୧.୨. ସ୍ୱନିମ ସମୂହର ଧ୍ୱନିତାତ୍ତ୍ୱିକ ବର୍ଗୀକରଣ

### ସ୍ୱରଧ୍ୱନି

| | ଅଗ୍ର | କୈନ୍ଦ୍ରିକ | ପଶ୍ଚ |
|---|---|---|---|
| ଉଚ୍ଚ | i | | u |
| ମଧ୍ୟ | e | | o |
| ନିମ୍ନ | | a | ɔ |

### ବ୍ୟଞ୍ଜନଧ୍ୱନି

| | ଓଷ୍ଠ୍ୟ | ଦନ୍ତ୍ୟ | ମୂର୍ଦ୍ଧନ୍ୟ | ତାଲବ୍ୟ | କଣ୍ଠ୍ୟ |
|---|---|---|---|---|---|
| ଅଘୋଷ | p | t | ṭ | c | k |
| ସ୍ପର୍ଶ | | | | | |
| ସଘୋଷ | b | d | ḍ | j | g |
| ସଂଘର୍ଷୀ | | s | | | |
| ନାସିକ୍ୟ | m | n | ṇ | ñ | ŋ |
| ପାର୍ଶ୍ୱିକ | | l | ḷ | | |
| ତାଡ଼ିତ | | | ṛ | | |
| କମ୍ପିତ | | r | | | |

## ୧.୩. ସ୍ୱନିମମାନଙ୍କର ବିତରଣ

| ସ୍ୱନିମ | ଆଦ୍ୟ | ମଧ୍ୟ | ପ୍ରାନ୍ତ |
|---|---|---|---|
| i | ica (ଇଚ) ପିଠ | iṇibɔ (ଇଣିବ) ଶଳା | iṇi (ଇଣି) ଶଙ୍କର |
| u | utan (ଉଟାନ୍) ଭୂଲ | usuṇij (ଉସୁଣିଜ୍) ନାଚ | uku (ଉକୁ) ଚୂଲ |
| e | ejaŋ (ଏଜାଙ୍) ମନ୍ତ୍ରୀ | ekeca (ଏକେଚ) ଘାସ | guṭukire (ଗୁଟୁକିରେ) ପଡ଼ପଡ଼ |

| | | | |
|---|---|---|---|
| a | ariga (ଅରିଗା) ଚରକାସ୍ତ | gian (ଗିଆନ୍) ଲାଜ | kua (କୁଆ) ଅଙ୍ଗୁଳି |
| ɔ | ɔmbaṭɔ (ଅମ୍ବାଟ) ଦୁଇ | jaɔṇa (ଜାଅଣା) ଜାଅଁଲା | ḍiɔ (ଡ଼ିଅ) ଭଲ |
| k | kiḷɔg (କିଲଗ୍) ବାଘ | kakag (କାକାଗ୍) ଧନୁ | ɔḷak (ଅଲାକ୍) ପିଠା |
| g | gɔṭaŋ (ଗଟାଙ୍) ଗୁଣ୍ଡା | agila (ଆଗିଲା) ଆଗରେ | kamulɔg (କାମୁଲଗ୍) ମଶିଷ |
| t | tarɔm (ତାରମ୍) କାନ୍ଧ | titir (ତିତିର୍) ଟୁଣ୍ଡିବା | — |
| d | diɔḷɔ (ଦିଅଲ) ମନ୍ଦର | dadi (ଦାଦି) କକା | — |
| ṭ | ṭalaŋ (ଟାଲଙ୍) ଲମ୍ବା | ṭaṭia (ଟାଟିଆ) ଗିନା | — |
| ḍ | ḍak (ଡାକ୍) ପାଣି | anḍara (ଆଣ୍ଡାରା) ଧଳା | — |
| c | cata (ଚାଟା) ଛତା | gɔcɔmɔrak (ଗଚମରାକ୍) ଜୁଳୁଜୁଳିଅପୋକ | |
| j | juaṇi (ଜୁଆଣି) ମଜା | jejeg (ଜେଜେଗ୍) ଛାଦ | ramaj (ରାମାଜ୍) ଦ୍ୱେ |
| p | purti (ପୁର୍ତି) ପୃଥ୍ୱୀ | sapar (ସାପାର୍) ସୁଟେନ୍ଧ | — |
| b | buluŋ (ବୁଲୁଙ୍) ଲୁଣ | ebɔṛɔm (ଏବଡ଼ମ୍) ଖେଳ | kulab (କୁଲାବ୍) ବେଲ |
| s | selan (ସେଲାନ୍) ଝିଅ | susuter (ସୁସୁଟେର୍) ଅଣ୍ଡା | kɔṭas (କଟାସ୍) ନଣ୍ଡବଲେଇ |
| m | marag (ମାରାଗ) ମୟୂର | sumusiŋ (ସୁମୁସିଙ୍) ଛେଳି | ɔṇɔsɔm (ଅଣସମ୍) ପଦ୍ମ |
| n | nagɔm (ନାଗମ୍) ମୁଣ୍ଡିଆ | kanan (କାନାନ୍) ଅମୃତପଡ଼ା | seŋgɔn (ସେଙ୍ଗନ୍) କାଠ |
| ṇ | — | kaṇamɔr (କାଣାମର୍) ଅନ୍ଧ | — |
| ñ | — | iñam (ଇଞାମ୍) ରକ୍ତ | niñ (ନିଞ୍) ଆମେମାନେ |
| ŋ | — | ɔŋgi (ଅଙ୍ଗି) ଜାମା | ailaŋ (ଆଇଲଙ୍) କୁଭ |
| l | lɔbeŋ (ଲବେଙ୍) ନରମ | lalaj (ଲଲାଜ୍) ନଅଁ | — |
| ḷ | — | aḷabɔg (ଆଳାବଗ୍) ଅନାଥ | — |
| ṛ | — | seṛak (ସେଡ଼ାକ୍) କବାଟ | kaḷiamɔṛ (କାଳିଆମଡ଼୍) ଆଶ୍ରିପୂଥ |
| r | ruŋkub (ରୁଙ୍କୁବ୍) ଜଙ୍ଗଲ | kiḷɔgrae (କିଲଗ୍ରାଏ) ବାଘୁଣୀ | tentar (ଟେଣ୍ଟାର୍) କାଟେଇବା |

## ଉପରୋକ୍ତ ବିବରଣ ଅନୁସାରେ ଦ୍ରଷ୍ଟବ୍ୟ :

(କ) 'ɔ' ସ୍ୱରଧ୍ୱନିଟି କେବଳ ଓଡ଼ିଆରୁ ଉଧାର ଶବ୍ଦରେ ପରିଦୃଷ୍ଟ ହୁଏ ।

(ଖ) ସମସ୍ତ ସ୍ୱରଧ୍ୱନିଗୁଡ଼ିକ ଆଦ୍ୟ, ମଧ୍ୟ, ଅନ୍ତ୍ୟରେ ପ୍ରଯୁକ୍ତ ହୋଇପାରନ୍ତି, ସମସ୍ତ ସ୍ୱରଧ୍ୱନି ଅନୁନାସିକ୍ୟ ଭାବରେ ଉଚ୍ଚାରିତ ହୋଇ ପାରନ୍ତି, ଅନୁନାସିକତା ବର୍ଣ୍ଣଉପରେ ଓଡ଼ିଆ ଚନ୍ଦ୍ରବିନ୍ଦୁ ତୁଲ୍ୟ ~ ଚିହ୍ନଦ୍ୱାରା ପ୍ରକାଶ୍ୟ ।

ଯଥା - ଟେଁ ସେଁର୍ — ସୁଁ ହେବା

(ଗ) ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକର ମହାପ୍ରାଣିତ ( ଧ୍, ଘ, ଢ ଇତ୍ୟାଦି ) ରୂପ ନାହିଁ ।

(ଘ) ṇ, ñ, ŋ, ḷ, ṛ ଶବ୍ଦର ଆଦ୍ୟରେ ପ୍ରଯୁକ୍ତ ହୁଏ ନାହିଁ ।

(ଙ) t, d, ṭ, ḍ, c, p, ṇ, ḷ, l ଶବ୍ଦର ଅନ୍ତ୍ୟରେ ପ୍ରଯୁକ୍ତ ହୁଏ ନାହିଁ ।

## ୧.୪. ସଂଯୁକ୍ତ ଧ୍ୱନି

(କ) ସ୍ୱରଧ୍ୱନି ସମୂହ ଆନୁକ୍ରମିକ ଭାବରେ ଉଚ୍ଚାରିତ ହୋଇପାରନ୍ତି । କେଉଁ କେଉଁ ଧ୍ୱନି ଅନୁକ୍ରମରେ ରହିପାରନ୍ତି ତାହାର ସୂଚନା ନିମ୍ନଲିଖିତ ନକ୍ସାରେ ଅନୁଧେୟ ।

| | ɔ | a | e | i | u |
|---|---|---|---|---|---|
| ɔ | √ | √ | √ | √ | √ |
| a | √ | √ | √ | √ | √ |
| e | | | √ | √ | |
| i | √ | √ | | √ | √ |
| u | √ | √ | | √ | √ |
| | | | | | |

( ସମ୍ଭାବ୍ୟ - √ ଚିହ୍ନିତ )

## ଦୃଷ୍ଟାନ୍ତ

ɔɔ - tɔ̃ɔrɔ (ତଅଁର) ଝାଡ଼ାଗ୍ରୁ

ɔa - kɔa (କଅା) କୁହୁଡ଼

ɔe - bal̤ɔe (ବାଲଏ) କଖାରୁ

ɔi - kɔiɔm (କଇଅମ୍) କାଶ

ɔu - dɔul̤a (ଦଉଲା) ଦଉଡ଼ି

aɔ - aɔji (ଆଅଜି) ଆଉଜିବା

aa - gaaṇɔ (ଗାଆଣ) ଗାୟକ

ae - ael̤a (ଆଏଳା) ମାଂସ

ai - ḍaiŋ (ଡାଇଙ୍) ଗୁଳିବା

au - sau (ସାଉ) ସ୍ୱାମୀ

ee - jeele (ଜେଏଲେ) କାରାଗାର

ei - Sugei (ସୁଗେଇ) ବହୁତ

iɔ - tiɔ (ତିଅ) ପୋକ

ia - guṭia (ଗୁଟିଆ) କୁରାଢ଼ି

ii - biite (ବିଇତେ) କାର୍ତ୍ତିକ

iu - tiurae (ତିଉରାଏ) ସମ୍ବନ୍ଧୁଣୀ

uɔ - ruɔ (ରୁଅ) କାଠଝୁମ୍ପ

ua - bua (ବୁଆ) ଧାନ

ui - bui (ବୁଇ) ବନ୍ଧୁ

uu - buutu (ବୁଉତୁ) ଚେଙ୍ଗ

## (ଖ) ବ୍ୟଞ୍ଜନ ଅନୁକ୍ରମ

bl - bɔblɔr (ବବ୍ଲର୍) ଲୁଗ୍‌ଇବା

bl̤ - bubl̤ur (ବୁବ୍ଲୁର୍) ଝଦରୁ ଉଠେଇବା

bṭ - babṭuŋ ( ବାବ୍ଟୁଙ୍ ) ଭଙ୍ଗେଇବା

bs - kɔbsɔr (କବ୍ସର୍) ଶୁଖେଇବା

bg - labga (ଲାବ୍ଗା) ଜଳେଇବା

bṛ - tubṛir (ତୁବ୍ଡ଼ିର୍) ହଳ

br - sɔbrɔĩ (ସବରଇଁ) ସମସ୍ତେ

bt - abtɔŋ (ଆବ୍ତଙ୍) ଡରେଇବା

bn - sabnu (ସାବ୍ନୁ) ସାବୁନ୍

ŋk - kuiŋkar (କୁଇଙ୍କାର) ଶଶୁର

ŋg - ekɔḷɔŋg (ଏକଲଙ୍ଗ୍) ବର୍ତ୍ତମାନ

ŋḷ - jiŋḷae (ଜିଙ୍ଲାଏ) ଝିଙ୍କି

ŋt - kaḷuŋtɔr (କାଲୁଙ୍ତର୍) ପଶୁତ୍ରା

ŋr - laŋrui (ଲଙ୍ରୁଇ) ଗଣ୍ଡା

ŋs - saḷaŋsaŋ (ସାଲାଙ୍ସାଙ୍) ହଲଦିଆ

mm - ammaje (ଆମ୍ମାଜେ) ମଜେଇବା

mṇ - kamṇa (କାମ୍ଣା) କଣାକରିବା

mṛ - kɔmṛɔr (କମ୍ଡ଼ର) ମଦ୍ଦ

mb - lɔmba (ଲମ୍ବା) ଲମ୍ବେଇବା

mp - kɔmpɔ (କମ୍ପ) [illegible]

md - amdani (ଆମ୍ଦାନି) ଅମଳକରିବା

mḷ - kɔmḷa (କମ୍ଲା) କମଲା

ñc - kɔñcelan (କଞ୍ଚେଲାନ୍) ଝିଅ

ñj - gañjia (ଗାଞ୍ଜିଆ) ଝଙ୍କାଥିଲା

ṇṭ - eṇṭej (ଏଣ୍ଟେଜ୍) ଶ୍ରେଷ୍ଠ

ṇḍ - kuṇḍug (କୁଣ୍ଡୁଗ୍) କୁଣ୍ଡେଇବା

nt - tenterak (ତେନ୍ତେରାକ୍) ବୁଢ଼ିଆଣୀ

nd - gɔndɔṇɔ (ଗନ୍ଦଣ) ଅପରିଷ୍କାର

nk - unkuḷɔ (ଉନ୍କୁଳ) ଅନୁକୂଳ

kc - ekca (ଏକ୍ଚ) ପାଖ

kr - cakrɔ (ଚକ୍‌ର) ଚକ୍ର

ks - baksɔ (ବାକ୍‌ସ) ପେଡ଼ି

gṛ - rigṛi (ରିଗ୍‌ଡ଼ି) ଗୋଡ଼ି

rc - pɔrca (ପର୍‌ଚା) ଓସାର

rb - pɔrbɔtɔ (ପର୍‌ବତ) ପର୍ବତ

rd - pardi (ପାର୍‌ଦି) ଶିକାର

rs - bɔrsɔ (ବର୍‌ସ) ବର୍ଷ

rt - purti (ପୁର୍‌ତି) ପୃଥ୍ୱୀ

rg - sɔrgɔ (ସର୍‌ଗ) ସ୍ୱର୍ଗ

dr - ɔdrɔm (ଅଦ୍‌ରମ୍) ଅଧର୍ମ

st - ɔstɔ (ଅସ୍‌ତ) ଅସ୍ତ

sṭ - kɔsṭɔ (କସ୍‌ଟ) କଷ୍ଟ

sk - iskulu (ଇସ୍‌କୁଲୁ) ସ୍କୁଲ

jt - gɔmjɔta (ଗମ୍‌ଜତା) ମୃତ

tr - sutru (ସୁତ୍‌ରୁ) ଶତ୍ରୁ

tl - putla (ପୁତ୍‌ଲା) ମୂର୍ତ୍ତି

ḷs - uḷsua (ଉଳ୍‌ସୁଆ) ଅଲସୁଆ

ḷg - gɔḷgɔḷi (ଗୋଳ୍‌ଗଳି) ଘଡ଼ଘଡ଼ି

pp - appeṭe (ଅପ୍‌ପେଟେ) ପିଟିବା

pr - prubɔ (ପ୍ରୁବ) ପୂର୍ବଦିଗ

## ୧.୫ ଅକ୍ଷର

ସାଧାରଣତଃ ସ୍ୱରଧ୍ୱନି ଗୁଡ଼ିକ ଅକ୍ଷରାତ୍ମକ । ପ୍ରତ୍ୟେକ ଅକ୍ଷର କେନ୍ଦ୍ରରେ ଗୋଟିଏ ସ୍ୱରଧ୍ୱନି ଥାଏ । କିନ୍ତୁ ପ୍ରତ୍ୟେକ ସ୍ୱନିମ ଅକ୍ଷରାତ୍ମକ ନୁହନ୍ତି ଏବଂ ଏକ ଅକ୍ଷରରେ ଏକାଧିକ ସ୍ୱନିମ ରହିପାରନ୍ତି । ପ୍ରତ୍ୟେକ ଶବ୍ଦ ବା ରୂପିମ ଏକ ବା ଏକାଧିକ ଅକ୍ଷର ସଂଯୋଗରେ ଗଠିତ । ଦେଶିଆ ଭାଷାରେ ନିମ୍ନଲିଖିତ ସ୍ୱନିମ ସମନ୍ୱୟ ଲକ୍ଷଣୀୟ । ସଙ୍କେତରେ ସ୍ୱରଧ୍ୱନି ନିମନ୍ତେ /ଅ/ ଏବଂ ବ୍ୟଞ୍ଜନଧ୍ୱନି ନିମନ୍ତେ /କ/ ବ୍ୟବହୃତ ।

ଅ - a (ର)

ଅକ - ɔg (ପିଲାକାଟିଖାଇବା)

କଅ - jɔ (ଦେଖିବା)

କଅକ - lɔŋ (ଗୁନ୍ଧିବା)

ଅକଅକ - ɔḷej (ଗାଈ)

ଆକକଅ - iŋsa (ହଂସା)

ସ୍ୱନିମ ସଂଯୋଗରେ ଯେପରି ଅକ୍ଷର ଗଠିତ ହୁଏ, ସେହିପରି ଅକ୍ଷରର ସଂଯୋଗରେ ଶବ୍ଦ ଗଠିତ ହୁଏ । ସାଧାରଣତଃ ଜୁଆଙ୍ଗ ଭାଷାରେ ଶବ୍ଦର ଆକୃତି ଦୁଇ, ତିନି ଚାରି ଅକ୍ଷର ବିଶିଷ୍ଟ । ବହୁ ଅକ୍ଷରକ ଶବ୍ଦର ସଂଖ୍ୟା ଆନୁପାତିକ ଭାବେ ସ୍ୱଳ୍ପ । ନିମ୍ନରେ ବିଭିନ୍ନ ଅକ୍ଷରର କେତୋଟି ଶବ୍ଦର ଦୃଷ୍ଟାନ୍ତ ପ୍ରଦତ୍ତ ହେଲା ।

ତିନିଅକ୍ଷର ବିଶିଷ୍ଟ :

କଅକଅକଅକ - kɔṭɔlur (କାନମଳି)

କଅକଅଅ - sakɔe (ପାଦମାଙ୍କଡ଼)

ଅକକଅକଅ - aṇḍeka (ଗଡକାଲ୍)

ଚାରିଅକ୍ଷର ବିଶିଷ୍ଟ :

କଅକଅକଅଅ - bɔkɔrae (ସାନଭଉଣୀ)

ଅକଅକକଅକକଅ - ɔmɔrpuṭḷa (ଆଣ୍ଠିଢୋଲା)

କଅକଅକଅକକଅ - beḷɔḍenḍe (ସୂର୍ଯ୍ୟୋଦୟ)

ପାଞ୍ଚଅକ୍ଷର ବିଶିଷ୍ଟ :

ଅକଅକଅଅକଅକ - alaraitɔm (ଜାଲ)

କଅକକଅକଅଅକଅକ - bergeṇeitib (ପାଦଗୁଳି)

ଛଅଅକ୍ଷର ବିଶିଷ୍ଟ :

ଅଅକଅକଅକଅକଅକ - uaḷikɔ̃celan (ଝିଅପିଲା)

ଅକଅକଅକକଅଅକଅ - ɔsɔmɔtbaina (ଅଚମ୍ଭିତ ହେବା)

ସାତଅକ୍ଷର ବିଶିଷ୍ଟ :

କଅକଅକଅକଅକଅଅକଅ - sẽsãpẽpãbaina (ଧଇଁସଇଁହେବା)

## ବ୍ୟାକରଣିକ ସଂଗଠନ

### ୨.୦ ଶବ୍ଦ

ବିଭିନ୍ନ ଧ୍ୱନି ସଂଯୋଗରେ ଗଠିତ ଶବ୍ଦ ହିଁ ଭାଷାର ମୂଳାଧାର । ମାତ୍ର ଶବ୍ଦଗୁଡ଼ିକ କିପରି ପରସ୍ପର ସହିତ ନିୟମାନୁଗତ ଭାବରେ ବିନ୍ୟସ୍ତ ହେଲେ ଭାବର ଅଭିବ୍ୟକ୍ତି ସ୍ପଷ୍ଟ ଓ ସମ୍ପୂର୍ଣ୍ଣ ହେବ ତାହା ଭାଷାର ବ୍ୟାକରଣ ଉପରେ ନିର୍ଭରଶୀଳ । ଶବ୍ଦଗୁଡ଼ିକୁ ଆକୃତି-ପ୍ରକୃତି ଦୃଷ୍ଟିରୁ ମୂଳ ବା ବ୍ୟୁତ୍ପାଦିତ, ମୁକ୍ତ ବା ଆବଦ୍ଧ ଶବ୍ଦଭାବରେ ଏବଂ ବ୍ୟାକରଣିକ ଦୃଷ୍ଟିରୁ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଇତ୍ୟାଦି ଭେଦ ଭାବରେ ବର୍ଗୀକରଣ କରାଯାଇଥାଏ । ନିମ୍ନରେ ଜୁଆଙ୍ଗ ଭାଷାର ଶବ୍ଦଗୁଡ଼ିକୁ ଉଭୟ ଆକୃତି ଓ ପ୍ରକୃତି ଦୃଷ୍ଟିରୁ ବର୍ଗୀକରଣ କରାଯାଇଛି ।

### (କ) ମୌଳିକ ଶବ୍ଦ

ଏହି ଶବ୍ଦଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ । ଏଥିରେ କୌଣସି ପ୍ରତ୍ୟୟ ଯୁକ୍ତ ହୋଇନଥାଏ ।

aka - ଶଗା

tiɔ - ପୋକ

ɔḷɔŋ - ଠେକୁଆ

ijiŋ - ଜୋଡ଼

aram - ଜ୍ୱାଇଁ

aḷɔ - ବାଇଁଶ

katir - ମଶା

### (ଖ) ବ୍ୟୁତ୍ପାଦିତ ଶବ୍ଦ

ମୂଳଶବ୍ଦ ସହିତ ଅନ୍ୟ ଶବ୍ଦ, ପ୍ରତ୍ୟୟ ଇତ୍ୟାଦି ସଂଯୋଗରେ ଗଠିତ ଶବ୍ଦଗୁଡ଼ିକୁ ବ୍ୟୁତ୍ପାଦିତ ଶବ୍ଦ ବୋଲି କୁହାଯାଏ । ବ୍ୟୁତ୍ପାଦିତ ଶବ୍ଦଗୁଡ଼ିକ ନିମ୍ନଲିଖିତ ପ୍ରକାରର ହୋଇପାରେ ।

### (ଅ) ଯୌଗିକ ଶବ୍ଦ

ଯେଉଁ ସ୍ଥଳରେ ଦୁଇଟି ସ୍ୱତନ୍ତ୍ର ଶବ୍ଦର ସଂଯୋଗରେ ଗୋଟିଏ ଶବ୍ଦ ଗଠିତ ହୋଇଥାଏ ଏବଂ ଶବ୍ଦ ଦୁଇଟିକୁ ସହଜରେ ବିଚ୍ଛିନ୍ନ କରାଯାଇପାରେ ତାହାକୁ ଯୌଗିକ ଶବ୍ଦ ବୋଲି କହିବାକୁ ହେବ ।

ɔmɔr (ଆଖି) + ḍak (ପାଣି) = ɔmṛak - ଲୁହ

ɔlɔg (ଅଲଗା) + iti (ଜାତ) = ɔlɔgti - ପାଢ଼ୁଆ

sɔṭej (ଶ୍ରେଷ୍ଠ) + kɔḷeŋ (ମୂଷା) = sɔṭej kɔḷeŋ ଗୁଣ୍ଡିଆମୂଷା

## (ଆ) ଯୁଗ୍ମଶବ୍ଦ

ଯୁକ୍ତ ଶବ୍ଦଗୁଡ଼ିକ ନିମ୍ନଲିଖିତ ପ୍ରକାରର ହୋଇପାରନ୍ତି ।

୧ ସମାର୍ଥକ :

puni - pɔriba ପଢ଼ାପଢ଼ିବା
sai - puḷisa ସାଇପଡ଼ିଶା
jɔjɔ - lɔlɔŋ ଦେଖାଗୁନ୍ଧିଁ
pɔḷa - leka ପଢାଲେଖା
gata - barɔta କଥାବାର୍ତ୍ତା

୨ ବିପରୀତାର୍ଥକ :

baṇa - ḍiɔ ଭୁଲଠିକ୍
ḍɔkɔ - tɔŋgɔn ବସାଉଠା
aluŋa - baea ଭିତରବାହାର
jaliŋ - ḍɔḷej ଉଚ୍ଚନୀଚ

୩ ଧ୍ୱନ୍ୟାନୁକୃତ :

ସାର୍ଥକ + ସାର୍ଥକ

tilaj - ejelaŋ ଝୋଳକଶୋଷ
lalaj - ḍak ନିଆଁପାଣି
bua - ruŋkub ଧାନଗୁଣ୍ଡିଲ
lɔtɔb-rigṛi ମାଟିଗୋଡ଼ି

ସାର୍ଥକ + ନିରର୍ଥକ

gɔṭaŋ - siṭaŋ ବାଟଘାଟ
gaɔ̄-gɔṇḍag ଗାଁ ଗଣ୍ଡା
sumusiŋ-ɔlak ଘରଘର
bandaṇɔ-candaṇɔ ବନ୍ଧାଣ ଚନ୍ଧାଣ

## (ଛ) ଜଟିଳଶବ୍ଦ

ଶବ୍ଦ ସହିତ ପ୍ରତ୍ୟୟ ସଂଯୋଗରେ ନିଷ୍ପନ୍ନ ଶବ୍ଦ ଏହି ବର୍ଗୀୟ ।

(i) ପୂର୍ବପ୍ରତ୍ୟୟ ଯୁକ୍ତ

/ma-/ (ନାସ୍ତ୍ୟର୍ଥକ)

marasian - ନଥିଲି

mamaneɔ - ନ ମାନିଲି

/a-/ (ନାସ୍ତ୍ୟର୍ଥକ)

aurke - ଅଙ୍ଗିଆ

aian - ନଦେବା

/u-/ (ପ୍ରେରଣାର୍ଥକ)

uḍuir - ପଶେଇବା

ugur - ତଳେପକେଇବା

ମଧ୍ୟପ୍ରତ୍ୟୟଯୁକ୍ତ :

/-b-/ (ପ୍ରେରଣାର୍ଥକ)

buḷur - ଉଠିବା

bubḷur - ଉଠେଇବା

kɔsɔr - ଶୁଖିବା

kɔbsɔr - ଶୁଖେଇବା

lage - ଜଳବା

labga - ଜଳେଇବା

lɔr - ଲୁଚିବା

bɔblɔr - ଲୁଚେଇବା

ପରପ୍ରତ୍ୟୟଯୁକ୍ତ :

-re agila→agilare - ଆଗେଇବା

ekca→ekecare - ଘାଟେଇବା

-ua ḍakɔ→ḍakua - ଡେଠିବାଲି

naṭɔ→naṭua - ଅଭିନେତା

-sarɔ dak→ḍaksarɔ - ପାଣିଆ

bulug→bulugsarɔ - ଲୁଣିଆ

-rɔ sunduru→sundururɔ-ନାଲିଆ

-ṛɔ lɔṭɔb→lɔṭɔbṛɔ - ମାଟିଆ

-bala buja→bujabala - ମୁଢ଼ିବାଲା

dukan→dukanbala-ଦୋକାନୀ

-a misiŋ→misiŋa - ତଳେ, ଅଟେ

jaliŋ→jaliŋa - ଉପରେ

## ୨.୧. ବିଶେଷ୍ୟ ପଦର ରୂପ ରଚନା

ବିଶେଷ୍ୟ ପଦର ରୂପ କଲାବେଳେ ତିନୋଟି ବର୍ଗ ଲାଗିପାରେ-ଲିଙ୍ଗ, ବଚନ, କାରକ-ବିଭକ୍ତି ।

### ୨.୧.୧. ଲିଙ୍ଗ

କୁଇଁ ଭାଷାରେ ଲିଙ୍ଗ ଗୁରୁତ୍ୱପୂର୍ଣ୍ଣ ନୁହେଁ, କାରଣ ତଦନୁସାରେ ରୂପରଚନାରେ କୌଣସି ତାରତମ୍ୟ ଘଟେନାହିଁ । ସାଧାରଣ ଶବ୍ଦରୁ ଅର୍ଥଗତ ବା ମାତ୍ର ନିମ୍ନଲିଖିତ ଉପାୟରେ ଚିହ୍ନାଇ ଦିଆଯାଏ ।

(କ) ସ୍ୱତନ୍ତ୍ର ଶବ୍ଦ ପ୍ରୟୋଗରେ

| | |
|---|---|
| ba, ɔba - ବାପା | bui - ମା |
| kɔnɔn - ପୁଅ | kɔñcelan - ଝିଅ |
| kɔŋger - ଯୁବକ | selan - ଯୁବତୀ |
| ka - ନଟବର | aji - ବଡଭଉଣୀ |

(ଖ) ଲିଙ୍ଗ ପରିବର୍ତ୍ତକ ସ୍ତ୍ରୀବାଚକ ପ୍ରତ୍ୟୟ ସଂଯୋଗ

| | | |
|---|---|---|
| rae - | bɔkɔ - ଷାନଷାଣ୍ଢ | bɔkɔ-rae - ଷାନଭଇଁସୀ |
| | gɔḷa - ଘୋଡା | gɔḷa-rae - ଘୋଡ଼ୀ |
| | marag - ମୟୂର | marag-rae - ମୟୂରୀ |
| | atir - ମଇଁଷା | ati-rae - ମାଈଁଷୀ |
| -i | lanḍa - ପୁଅ | lanḍ-i - ଝିଅ |
| | babun - ଭେଡ଼ା | babun-i - ଭେଡ଼ି |

-ṇi rusi - ଋଷି rusi-ṇi - ଋଷିଣୀ

buita - ମୁଖିଆ buita-ṇi - ମୁଖିଆଣୀ

ଜୁଆଙ୍ଗ ଭାଷାରେ ଲିଙ୍ଗ ପ୍ରୟୋଗ କ୍ଷେତ୍ରରେ ସର୍ବନାମର ସ୍ୱତନ୍ତ୍ରତା ନାହିଁ, ଉଭୟ ଲିଙ୍ଗ ପାଇଁ ସମାନ ଶବ୍ଦ ବ୍ୟବହୃତ ହୁଏ ।

## ୨.୨.୨. ବଚନ

ଯାହାଦ୍ୱାରା ବସ୍ତୁର ବା ବ୍ୟକ୍ତିର ସଂଖ୍ୟା ଜଣାପଡେ ତାହାକୁ ବଚନ କହନ୍ତି । ଜୁଆଙ୍ଗ ଭାଷାରେ ବିଭିନ୍ନ ବଚନ ନିର୍ଣ୍ଣୟ କରିବାର ପଦ୍ଧତି ନିମ୍ନରେ ।

(i) ଏକବଚନ : / ø / (ଅର୍ଥାତ୍ କୌଣସି ପ୍ରତ୍ୟୟ ବା ଚିହ୍ନ ଲଗେ ନାହିଁ)

(ii) ଦ୍ୱିବଚନ / kia /

(ଉଭୟ ମନୁଷ୍ୟବାଚକ ଓ ଇତରବାଚକ ଶବ୍ଦରେ ଦ୍ୱିବଚନ ହୋଇବାକୁ kia ପ୍ରତ୍ୟୟ ଯୁକ୍ତ ହୁଏ) ।

arɔ-kia - ସେ ଦୁଇଜଣ

kilɔg-kia - ଦୁଇଟା ବାଘ

teɔ-kia - ଦୁଇଟା ଘୋଡ଼

(iii) ବହୁବଚନ /ki/

uaḷi-ki - ପିଲାମାନେ

kuḷi-ki - କୋଳଗୁଡ଼ିକ

kamulɔg-ki କୋଲମାନେ

(କ) ଏକବୋଧକ ଶବ୍ଦ :

ଉଭୟ ମନୁଷ୍ୟବାଚକ ଓ ଇତରବାଚକ ନିମନ୍ତେ muiṭɔ ଯୁକ୍ତ ହୁଏ ।

muiṭɔ-kɔnɔn - ଗୋଟିଏ ପୁଅ

muiṭɔ-gɔrej - ଗୋଟିଏ ଏଣ୍ଡୁଅ

ଏକା ବା ଏକୁଟିଆ ଅର୍ଥରେ କହିବାକୁ ବୁଝାଉଥିଲେ - minɔg ଲଗେ

minɔg cilia kɔnɔn - ଗୋଟିଏ ଛେଲିଆ ପିଲା

(ଖ) ସ୍ୱଳ୍ପବୋଧକ :

ɔḷɔmi - ଅଳ୍ପ

ɔmbaṭɔ - ଦୁଇଟା

banɔk - ଦୁହେଁ, ଉଭୟ

(ଗ) ବହୁତ୍ୱବୋଧକ ଶବ୍ଦ :

ṭaŋkuṇiŋ - ସମସ୍ତେ

sugei - ବହୁତ, ବେଶୀ

subu - ସବୁ

(ଘ) ଅଳ୍ପବାଚକ ଶବ୍ଦ :

kuṭij - ଅଳ୍ପ, ଟିକିଏ

## ୨.୧.୩. କାରକ

ବିଭିନ୍ନ କାରକ ଅର୍ଥରେ ନିମ୍ନଲିଖିତ ବିଭକ୍ତି ପ୍ରତ୍ୟୟ ଓ ଅନୁସର୍ଗମାନ ବ୍ୟବହୃତ ହୁଏ ଏବଂ ସେଗୁଡ଼ିକ ଉଭୟ ଏକବଚନ, ଦ୍ୱିବଚନ ଓ ବହୁବଚନ ପାଇଁ ସମାନ ।

କର୍ତ୍ତା - Ø

କର୍ମ - te (ପ୍ରାଣୀବାଚକ ଶବ୍ଦ ପାଇଁ)

bɔ (ଅପ୍ରାଣୀବାଚକ)

କରଣ - bɔ (ଅପ୍ରାଣୀବାଚକ)

gini (ପ୍ରାଣୀବାଚକ)

ଅପାଦାନ - ta

ସମ୍ବନ୍ଧ - a

ଅଧିକରଣ - a/te

### ଦୃଷ୍ଟାନ୍ତ

**କର୍ତ୍ତାକାରକ** - selan gitɔ-ke (ଝିଅଟିଏ ଗାଉଛି)

**କର୍ମ** - buṛi buṛate gam (ବୁଢ଼ି ବୁଢ଼ାକୁ କହିଲା)

arɔ-bɔjarɔ bɔ ɔnḍe (ସେ ବଜାରକୁ ଯାଉଛି)

**କରଣ** - arɔ - guṭia - bɔ sumusiŋ dej-ɔ (ସେ କୁରାଢ଼ିରେ ଗଛ ହାଣିଲା)

añа-gini-eni-kamɔ-ian (ମୋ ଦ୍ୱାରା ଏ କାମ ହେଲା)

**ସଂପ୍ରଦାନ**-bɔgɔban rusi-te diñtɔ (ଭଗବାନ ଋଷିଙ୍କୁ ଦେଲେ)

**ଅପାଦାନ**-arɔ amata gɔg-an (ସେ ଡୋଠାରୁ ନେଲା)

kijiri sumusiŋ-ta rɔsɔ ɔlɔgan (ଖଜୁରୀ ଗଛରୁ ରସ ପଡୁଥିଲା)

**ସମ୍ବନ୍ଧ** - bɔkɔ-a bui (ପାନଷ୍ଟଇର ବନ୍ଧୁ)

nudi-a ḍak (ନଦୀର ପାଣି)

**ଅଧିକରଣ**-iña ruŋkub asike (ଘରେ ଶୃଗାଳ ଅଛି)

kaḷasate ḍak rɔere (ମାଠିଆରେ ପାଣି ରହେ)

lɔkate guran (ଚଟେଲ ପଡ଼ିଲା)

## ୨.୨ ସର୍ବନାମ

### ୨.୨.୧ ଜୁଆଙ୍ଗ ଭାଷାର ସର୍ବନାମ ପଦ ସମୂହ :

(କ) ପୁରୁଷବାଚକ :

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମପୁରୁଷ | añ (ମୁଁ) | niñba (ଆମେ ଦୁହେଁ) | niñ (ଆମ୍ଭେମାନେ) |
| ଦ୍ୱିତୀୟପୁରୁଷ | am (ତୁ) | apa (ତୁମେଦୁହେଁ) | ape (ତୁମ୍ଭେମାନେ) |
| ତୃତୀୟପୁରୁଷ | arɔ (ସେ) | arɔkia (ସେ ଦୁହେଁ) | arɔki (ସେମାନେ) |

(ଖ) ଅପୁରୁଷବାଚକ (ବସ୍ତୁ, ବ୍ୟକ୍ତି, ସ୍ଥାନ)

ନିର୍ଦ୍ଦେଶକ : ନିକଟବର୍ତ୍ତୀ : ଏହା, ଏହି - ni

ଏହାର - nan

ଏମାନଙ୍କର - ininan

ଦୂରବର୍ତ୍ତୀ : ସେଇଟା - ere

ସେଇଟାର - era

ସେଗୁଡ଼ିକ - ereki

ତାହା - auri

ତାହାର - aura

ସେଇଟା - airi

### ପ୍ରଶ୍ନ ଅନିଶ୍ଚିତତା ସୂଚକ ତଥା ସମ୍ବନ୍ଧସୂଚକ

କିଏ - aṛi

କାହାର,-କେଉଁମାନଙ୍କର - aṛiaka

କାହାକୁ - aṛite

କେଉଁ - manḍi

କେଉଁଆଡର - manḍia

କଣ - biri

କାହିଁକି - biite

କେତେ - kiti

କେତେକ - kitigɔṭakɔ

କିପରି, କେମିତି - suṇig

## ୨.୨.୨ ସର୍ବନାମ ପଦର ରୂପ ରଚନା

ଦୃଷ୍ଟାନ୍ତମୂଳକ ରୂପାବଳୀ

(କ) ପ୍ରଥମପୁରୁଷ ' ମୁଁ '

| ଏକବଚନ-ଓଡ଼ିଆରୂପ | ଦ୍ୱିବଚନ-ଓଡ଼ିଆରୂପ | ବହୁବଚନ-ଓଡ଼ିଆରୂପ |
|---|---|---|
| କର୍ତ୍ତା - añ ( ମୁଁ ) | niñba ( ଆମେଦୁହେଁ ) | niñ ( ଆମେମାନେ ) |
| କର୍ମ - añte ( ମତେ ) | niñbabanɔkte (ଆମଦୁହିଁଙ୍କୁ) | niñte (ଆମମାନଙ୍କୁ) |
| କରଣ-añgini (ମୋଦ୍ୱାରା) | niñbagini (ଆମଦୁଇଜଣଙ୍କଦ୍ୱାରା) | niñgini (ଆମମାନଙ୍କଦ୍ୱାରା) |
| ସମ୍ପ୍ରଦାନ-añte (ମତେ) | niñbabanɔkte (ଆମଦୁହିଁଙ୍କୁ) | niñte (ଆମମାନଙ୍କୁ) |
| ଅପାଦାନ-añta (ମୋଠାରୁ) | niñbata (ଆମଦୁଇଜଣଙ୍କଠାରୁ) | niñta (ଆମମାନଙ୍କଠାରୁ) |
| ସମ୍ବନ୍ଧ-aña (ମୋର) | niñba (ଆମଦୁଇଜଣଙ୍କର) | niña (ଆମମାନଙ୍କର) |
| ଅଧିକରଣ-aña (ମୋଠାରେ) | niñba (ଆମଦୁଇଜଣଙ୍କଠାରେ) | niña (ଆମମାନଙ୍କଠାରେ) |

(ଖ) ଦ୍ୱିତୀୟ ପୁରୁଷ ' ତୁ '

| ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|
| କର୍ତ୍ତା-am ( ତୁ ) | apa (ତୁମେଦୁହେଁ) | ape ( ତୁମେ / ତୁମେମାନେ ) |
| କର୍ମ-amte (ତତେ) | apate (ତୁମଦୁହିଁଙ୍କୁ) | apete (ତୁମମାନଙ୍କୁ) |
| କରଣ-amagini (ତୋଦ୍ୱାରା) | apagini (ତୁମଦୁହିଁଙ୍କଦ୍ୱାରା) | apegini (ତୁମମାନଙ୍କଦ୍ୱାରା) |
| ସମ୍ପ୍ରଦାନ-amte (ତତେ) | apate (ତୁମଦୁହିଁଙ୍କୁ) | apete (ତୁମମାନଙ୍କୁ) |
| ଅପାଦାନ-amta (ତୋଠାରୁ) | apata (ତମଦଳଙ୍କଠାରୁ) | apeta (ତମମାନଙ୍କଠାରୁ) |
| ସମ୍ବନ୍ଧ-ama (ତୋର) | apaa (ତମଦଳଙ୍କର) | apea (ତମମାନଙ୍କର) |
| ଅଧିକରଣ-ama (ତୋଠାରେ) | apaa (ତମଦଳଙ୍କଠାରେ) | apea (ତମମାନଙ୍କଠାରେ) |

(ଗ) ତୃତୀୟ ପୁରୁଷ 'ସେ'

| ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|
| କର୍ତ୍ତା - arɔ (ସେ) | arɔkia (ସେ ଦୁହେଁ) | arɔki (ସେମାନେ) |
| କର୍ମ - arɔte (ତାକୁ) | arɔkiate (ସେ ଦଳଙ୍କୁ) | arɔkite (ସେମାନଙ୍କୁ) |
| କରଣ - aragini (ତା ଦ୍ୱାରା) | arɔkiagini (ସେ ଦଳଙ୍କ ଦ୍ୱାରା) | arɔkigini (ସେମାନଙ୍କ ଦ୍ୱାରା) |
| ସମ୍ପ୍ରଦାନ - arɔte (ତାକୁ ) | arɔkiate (ସେ ଦଳଙ୍କୁ) | arɔkite (ସେମାନଙ୍କୁ) |
| ଅପାଦାନ - arata (ତାଠାରୁ ) | arɔkiata (ସେ ଦଳଙ୍କଠାରୁ) | arɔkita (ସେମାନଙ୍କଠାରୁ) |
| ସମ୍ବନ୍ଧ-ara (ତାର) | arɔkiaa (ସେ ଦଳଙ୍କର) | arɔkia (ସେମାନଙ୍କର) |
| ଅଧିକରଣ - ara (ତାଠାରେ) | arɔkiaa (ସେ ଦଳଙ୍କଠାରେ) | arɔkia (ସେମାନଙ୍କଠାରେ) |

## ୨.୩. ବିଶେଷଣ

ଜୁଆଙ୍ଗ ଭାଷାରେ କେବଳ ବିଶେଷଣ ଶବ୍ଦ ସ୍ୱଳ୍ପ, ଅଧିକାଂଶ ବିଶେଷଣପଦ ବିଶେଷ୍ୟ ଓ ସର୍ବନାମରୁ ସୃଷ୍ଟି ହୋଇଛି ।

### ୨.୩.୧. ସାଧାରଣ ବିଶେଷଣ ପଦ

ଗୁଣବାଚକ —

diɔ - ଭଲ, ସୁନ୍ଦର

bagi - ଖରାପ, ଅସୁନ୍ଦର

kuba - ବଡ଼

sugei - ବହୁତ

jaliŋ - ଲମ୍ବା, ଡେଙ୍ଗା

ଗତିବାଚକ —

juru - ଜୋର୍‌ରେ

kuikui - ଧୀରେ ଧୀରେ

ରଙ୍ଗବାଚକ —

aṇḍara - ଧଳା

sunduru - ନାଲି

saḷaŋsaŋ - ହଳଦିଆ

ବୟସବାଚକ —

kaṇḍae - ବୁଢ଼ୀ

nɔa - ନୂଆ

uṛuṇa - ପୁରୁଣା

kɔŋger - ଯୁବକ

ସ୍ଥିତିବାଚକ —

agileta - ଆଗରେ

kinmiŋta - ପଛରେ

mujia - ମଝିରେ

aluŋa - ତଳରେ

ଚରିତ୍ରବାଚକ —

uḷsua - ଅଳସୁଆ

kuḷua - କଳିହା

baŋgiḷijan - ଲଜ୍ଜାଳ

ଦ୍ରବ୍ୟ ପ୍ରକୃତି ବାଚକ —

suadɔ - ମିଠା

ajɔr - ଖଟା

asɔŋ - ପିତା

lɔlɔb - ଗରମ

## ୨.୩.୨. ବିଶେଷ୍ୟ ସ୍ଥାନୀୟ ପଦରୁ ପ୍ରତ୍ୟୟଯୋଗେ ନିଷ୍ପନ୍ନ ବିଶେଷଣ ପଦ

/ɪa/ kɔɔṇia - କଥଁକିଆ

daria - ଦାଢ଼ୁଆ

/a/ duḷia - ଧୂଳିଆ

ruga - ରୋଗା

rupa-degan - ରୂପେଲି

ବିଶେଷ୍ୟ + ବିଶେଷ୍ୟ

aṭaaṭa - ଅଠାଳିଆ

ajɔr-ɔle - ଖଣ୍ଟାଆମ୍ବ

sɔṭej-kɔḷeŋ - ଚୂଟିଆମୂଷା

bɔrɔn-lak - ବରୁଳ

ramaī-kɔte - ଟେଲୁଗା

## ୨.୩.୩. ସର୍ବନାମ ପଦରୁ ନିଷ୍ପନ୍ନ ବିଶେଷଣ ପଦ

ସମ୍ବନ୍ଧପଦୀୟ - aña/ara - ମୋର, ତୋର

ପ୍ରଶ୍ନବାଚକ - aṛia/maṇḍibɔ - କାହାର, କେଉଁଟିକି

ନିର୍ଦ୍ଦେଶକ - ini/ni - ଏହା, ଏହିଟି

ଗୁଣ - erete/eretasun - ଯେଉଁପାଇଁ, ତାପରେ ଏମିତି
nuṇiŋ - ଏପରି, eredeganiŋ - ସେପରି

## ୨.୩.୪. ସଂଖ୍ୟାଶବ୍ଦ

କୁଇ ଭାଷାରେ ଗଣନାସୂଚକ ଶବ୍ଦଅଛି, କ୍ରମସୂଚକ ନାହିଁ ।

ନିର୍ଦ୍ଦିଷ୍ଟ ଏକ ବୁଝାଇବାକୁ ଗୋଟିଏ ଏକକ ଶବ୍ଦ ଅଛି । ଅନ୍ୟ ସଂଖ୍ୟା ସହ/muī/ ଏବଂ /ṭa/ ଯୋଗ କରାଯାଏ ।

muīṭɔ - ଗୋଟିଏ

ɔmbaṭɔ - ଦୁଇଟା

egɔṭa - ତିନିଟା

gaṇḍamī - ଚାରିଟା

pañcgɔṭa - ପାଞ୍ଚଟା

dɔsɔgɔṭa - ଦଶଟା

kuṛimuī - କୋଡ଼ିଏ

kuṛiegaṇḍamī - ଚବିଶି

sɔmuī - ଶହେ

ɔjarɔmuī - ଏକହଜାର

ବିଶେଷ୍ୟ ପଦ ସହିତ ସଂଖ୍ୟାବାଚକ

muīkua - ଆଙ୍ଗୁଳାଏ

muṭami - ମୁଠାଏ

## ୨.୪ କ୍ରିୟା

କୁଆଁଙ୍କ ଭାଷାର କ୍ରିୟାପଦ ରଚନାର ଭିତ୍ତି ପ୍ରାତିପଦିକ ଏବଂ ଏହା ସହିତ ଏକ ବା ଏକାଧିକ କ୍ରିୟା ନିଷ୍ପନ୍ନାତ୍ମକ ପ୍ରତ୍ୟୟ ସଂଯୋଗରେ ଏହି ପଦ ନିଷ୍ପାଦିତ ହୋଇଥାଏ । ସମାପିକା ଓ ଅସମାପିକା ଭେଦରେ ଏହା ଦ୍ୱିବିଧ ।

### ୨.୪.୧ ସମାପିକା କ୍ରିୟାପଦ ଗଠନର ଉପାଦାନ

(୧) ଧାତୁ / ପ୍ରାତିପଦିକ

(୨) କାଳ

(୩) ଅଭିମୁଖ୍ୟ

(୪) ଭାବ

(୫) ପୁରୁଷ - ବଚନ

ଏହି ଉପାଦାନ ଗୁଡ଼ିକର କ୍ରିୟାପଦରେ ସନ୍ନିବେଶ କ୍ରମ :-

ପ୍ରାତିପଦିକ + {ଅଭିମୁଖ୍ୟ + କାଳ + ଭାବ } + ପୁରୁଷ - ବଚନ

ଉପାଦାନର ଉପସ୍ଥିତି ଅନୁସାରେ ନିମ୍ନଲିଖିତ ତ୍ରିବିଧ ସଂରଚନା ଲକ୍ଷିତ ହୋଇପାରେ

(i) ପ୍ରାତିପଦିକ + କାଳ + ପୁରୁଷ-ବଚନ

(ii) ପ୍ରାତିପଦିକ + ଅଭିମୁଖ୍ୟ + କାଳ + ପୁରୁଷ-ବଚନ

(iii) ପ୍ରାତିପଦିକ + କାଳ + ଭାବ + ପୁରୁଷ-ବଚନ

### (୧) ଧାତୁ

ଧାତୁ ହିଁ କ୍ରିୟାର ମୂଳାଧାର । ଏହି ଧାତୁ ବିଭିନ୍ନ ଆକୃତି ଓ ପ୍ରକୃତି ନେଇ ରୂପରଚନା ପ୍ରକ୍ରିୟାରେ ସମ୍ପୃକ୍ତ ହୋଇପାରେ ।

ପ୍ରକୃତ ଦୃଷ୍ଟିରୁ ଜୁଆଙ୍ଗ ଭାଷାର ଧାତୁ ସମୂହ ମୁଖ୍ୟତଃ ଦୁଇଟି ବର୍ଗରେ ବିଭକ୍ତ । ଯଥା :- ଅକର୍ମକ, ସକର୍ମକ । ଉଭୟ ଧାତୁରେ ଭିନ୍ନଭିନ୍ନ କାଳସୂଚକ ପ୍ରତ୍ୟୟ ଯୁକ୍ତ ହୁଏ । ଆକୃତ ଦୃଷ୍ଟିରୁ ଜୁଆଙ୍ଗ ଧାତୁସମୂହ ଦୁଇପ୍ରକାରର ହୋଇପାରନ୍ତି—ମୌଳିକ ଓ ବ୍ୟୁତ୍ପାଦିତ । ସାଧାରଣତଃ ଏକାକ୍ଷର (ଏକ ସ୍ୱରଧ୍ୱନି) ବିଶିଷ୍ଟ ଧାତୁଗୁଡ଼ିକର ବ୍ୟୁତ୍ପାଦିତ ରୂପ ହୋଇପାରେ । କିନ୍ତୁ ଦୁଇ ବା ତତୋଧିକ ଅକ୍ଷରାତ୍ମକ ଧାତୁର ବ୍ୟୁତ୍ପାଦିତ ରୂପ ହୁଏ ନାହିଁ ।

**ଦୃଷ୍ଟାନ୍ତ** ଧାତୁ (ଏକସ୍ୱରାତ୍ମକ)

| ମୌଳିକ | ବ୍ୟୁତ୍ପାଦିତ |
|---|---|
| ur - (ଉର୍-) | urur - (ଉରୁର୍) - ପିଇବା |
| jim - (ଜିମ୍-) | jiñjim - (ଜିଞ୍ଜିମ୍-) ଖାଇବା |
| kɔŋ - (କଙ୍) | kɔŋkɔŋ - (କଙ୍କଙ୍-) ଜାଣିବା |
| jɔ - (ଜ-) | jɔjɔ - (ଜଜ) ଦେଖିବା |
| gɔg - (ଗଗ୍-) | gɔgɔg - (ଗଗଗ୍-) ନେବା |
| ɔn - (ଅନ୍-) | ɔŋgɔr - (ଅଙ୍ଗର୍) ଯିବା |

**ଧାତୁ** (ଦ୍ୱିସ୍ୱରାତ୍ମକ)

leber - (ଲେବେର୍-) ଶୋଇବା

jɔjɔg - (ଜଜଗ୍-) - ଓଁଲେଇବା

ସାଧାରଣତଃ ରୂପ ରଚନାବେଳେ ମୌଳିକ ଧାତୁ ସମୂହ ପ୍ରଯୁକ୍ତ ହୋଇଥାଆନ୍ତି । କିନ୍ତୁ ବ୍ୟୁତ୍ପାଦିତ ଧାତୁଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ସ୍ଥଳରେ ବ୍ୟବହୃତ ହୋଇପାରନ୍ତି ଯଥା .—

( କ ) କ୍ରିୟାର ଅସଂପୂର୍ଣ୍ଣତା ସୂଚକ ପ୍ରତ୍ୟୟ 'nɔm' ର ପୂର୍ବରୁ

arɔ - ɔŋgɔr - nɔm - an - ସେ ଯାଉଥିଲା

( ଖ ) ନାସ୍ତିବାଚକ ପ୍ରତ୍ୟୟ /jena/ର ପୂର୍ବରୁ

(କ୍ରିୟାର ବର୍ତ୍ତମାନ କାଳରେ ନାସ୍ତ୍ୟାର୍ଥକ ଭାବ ବୁଝାଉଥିଲେ ଧାତୁର ବ୍ୟୁତ୍ପାଦିତ ରୂପ ପରେ ନାସ୍ତିବାଚକ ପ୍ରତ୍ୟୟ ଯୁକ୍ତ ହୁଏ)

añ - kɔŋkɔŋ - jena - ମୁଁ ଜାଣିନି

arɔ - urur - jena - ସେ ପିଇନି

( ଗ ) କ୍ରିୟାର ଅସମାପିକା ଭାବକୁ ବୁଝାଇବାପାଇଁ କର୍ମାର୍ଥକ ପ୍ରତ୍ୟୟ /te/ ର ପୂର୍ବରୁ

/iñjim-te/ - ଖାଇବାକୁ

jɔjɔ-te - ଦେଖିବାକୁ

## ୨ କାଳ

ଜୁଆଙ୍ଗ ଭାଷାରେ କ୍ରିୟାକାଳ ତ୍ରିବିଧ ଭାବରେ ରୂପାୟିତ ହୁଏ, ସେଥିପାଇଁ ସକର୍ମକ ଓ ଅକର୍ମକ କ୍ରିୟା ଭେଦରେ ଦୁଇଟି ସେଟ୍‌ର କାଳସୂଚକ ପ୍ରତ୍ୟୟ ଯୁକ୍ତ ହୁଏ ।

| କାଳ | ସକର୍ମକ | ଅକର୍ମକ |
|---|---|---|
| ବର୍ତ୍ତମାନ | /-ke/ | /-ṛe/ |
| ଅତୀତ | /-ɔ/ | /-an/ |
| | /-rɔ/ (ସଂପନ୍ନ ଆଭିମୁଖ୍ୟ ସହ) | |
| ଭବିଷ୍ୟତ | /-e/ | /-na/ |
| | /-re/ (ସଂପନ୍ନ ଆଭିମୁଖ୍ୟ ସହ) | |

### ଦୃଷ୍ଟାନ୍ତ

| | |
|---|---|
| ବର୍ତ୍ତମାନ – añ-jim-ke (ମୁଁ ଖାଏ) | añ ebɔṛɔm-ṛe (ମୁଁ ଖେଳେ) |
| ଅତୀତ - añ-jim-ɔ (ମୁଁ ଖାଇଲି) | añ ebɔṛɔm-an (ମୁଁ ଖେଳିଲି) |
| ଭବିଷ୍ୟତ - añ jim-e (ମୁଁ ଖାଇବି) | an ebṛɔm-na (ମୁଁ ଖେଳିବି) |

## ୩ ଆଭିମୁଖ୍ୟ

ଜୁଆଙ୍ଗ ଭାଷାରେ ମୁଖ୍ୟତଃ କ୍ରିୟାର ତିନୋଟି ଆଭିମୁଖ୍ୟ ଲକ୍ଷଣୀୟ ।

(i) ନିତ୍ୟପ୍ରବୃତ୍ତ - Ø

(ii) ସଂପନ୍ନ - /-se-/~/-ce-/

(iii) ଅସଂପନ୍ନ - /nɔm/

### ଦୃଷ୍ଟାନ୍ତ

(i) କ୍ରିୟାର ନିତ୍ୟପ୍ରବୃତ୍ତ ଆଭିମୁଖ୍ୟକୁ ବୁଝାଇବା ପାଇଁ କେବଳ କାଳବାଚକ ପ୍ରତ୍ୟୟ ଯୁକ୍ତ ହୁଏ ।

ପ୍ରାତିପଦିକ + କାଳ

kip - ke - କରେ, ɔn - ṛe - ଯାଏ

gata - ke - କଢ଼େ

(ii) କ୍ରିୟାର ସମ୍ପନ୍ନଭାବ ବା ସମାପ୍ତି ବୁଝାଇବାକୁ ହେଲେ ଧାତୁରେ କାଳସୂଚକ ପ୍ରତ୍ୟୟପୂର୍ବରୁ ଆତ୍ମମୁଖ୍ୟସୂଚକ /-se-/-/-ce-/ ଲାଗେ ।

kip - se - ke - କାଟିଛି

jim - se - rɔ ଖାଇଥିଲି

କେତେକ ସ୍ଥଳରେ /-se/ ତାଳବ୍ୟୀକୃତ ହୋଇ /-ce/ ରେ ପରିବର୍ତ୍ତିତ ହୋଇଥାଏ ।

ɔn - ce - ke - ଖାଇଛି

lɔr - ce - ke - ଲୁଚିଛି

(iii) ଅସମ୍ପନ୍ନ ଭାବ ବା ଅସମାପ୍ତି (କାର୍ଯ୍ୟଚାଲୁଥିବା) ଭାବ ବୁଝାଇବା ପାଇଁ /-nɔm/ ଯୁକ୍ତ ହୁଏ ।

ɔggɔr - nɔm - ṛe - ଯାଉଅଛି

urur - nɔm-an - ପିଉଥିଲି

୪. ଭାବ

ଦୁଇଟି ଭାବ ପାଇଁ ସ୍ୱତନ୍ତ୍ର ପ୍ରତ୍ୟୟ ପରିଲକ୍ଷିତ ହୁଏ ।

(i) ସର୍ତ୍ତମୂଳକ (ii) ଅନୁଜ୍ଞାତ୍ମକ ବା ଆଦେଶାତ୍ମକ

(i) ସର୍ତ୍ତମୂଳକ ଭାବର ପ୍ରକାଶ ପାଇଁ କ୍ରିୟାରେ /-tan ଲାଗେ

añ ɔn - ce - tan

( ମୁଁ ଖାଇ ଥାନ୍ତି )

arɔ ur - ce - tan

( ସେ ପିଇଥାନ୍ତା )

(ii) ଅନୁଜ୍ଞା ବା ଆଦେଶାତ୍ମକ ଭାବ ପାଇଁ ଦୁଇଟି ପ୍ରତ୍ୟୟ ରହିଛି

ଯଥା :- / ṛae / ଏବଂ / ṛeme /- /reme/

ପ୍ରଥମ ପୁରୁଷରେ କୌଣସି ପ୍ରତ୍ୟୟ ଲାଗେ ନାହିଁ

ମୁଁ ପିଏଁ - añ ur - e

ଆମେ ଦୁହେଁ ପିଉ - niñba ba - ur - e

ଆମେମାନେ ପିଉ - niñ n - ur - e

ଏକ ସ୍ୱତନ୍ତ୍ର ଉଦ୍‌ବୋଧନାତ୍ମକ କ୍ରିୟାପଦ / ku / (ଆମେ ପିବା ଚାଲ) ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ ।

ଦ୍ୱିତୀୟ ପୁରୁଷରେ /ṛae/ ଯୁକ୍ତ ହୁଏ ଏବଂ ତତ୍ପୂର୍ବରୁ ଦ୍ୱିବଚନରେ /pa/ ଓ ବହୁବଚନରେ /pe/ ପ୍ରଯୁକ୍ତ ହୁଏ ।

ତୁ ପି - am m-ur-e-ṛae

ତୁମେ ଦୁହେଁ ପିଅ - apa ur-e-pa-ṛae

ତୁମେମାନେ ପିଅ - ape - ur-e-pe-ṛae

ତୃତୀୟ ପୁରୁଷରେ /ṛeme/ - {ṛeme} ଲାଗେ ଏବଂ ତାପରେ ଦ୍ୱିବଚନରେ /kia/ ଓ ବହୁବଚନରେ /ki/ ପ୍ରଯୁକ୍ତ ହୁଏ ।

ସେ ପିଇ - arɔ ur-ṛeme

ସେ ଦୁଇଜଣ ପିଅନ୍ତି - arɔ kia-ur-ṛeme-kia

ସେମାନେ ପିଅନ୍ତି - arɔ ki-ur-ṛeme - ki

## ୫ ପୁରୁଷ-ବଚନ

କ୍ରିୟାର କର୍ତ୍ତା କେଉଁ ପୁରୁଷ ଓ କି ବଚନକୁ ନେଇ ବ୍ୟବହୃତ ତାହାର ସଙ୍କେତ କ୍ରିୟାପଦ ପୂର୍ବରୁ ଯୋଗ କରାଯାଏ ।

( ପୂର୍ବରେ ସର୍ବନାମ ଆଲୋଚନା ପ୍ରସଙ୍ଗରେ କେଉଁ ପୁରୁଷ ଓ ବଚନପାଇଁ କି ଚିହ୍ନଲାଗେ ତାହା ଆଲୋଚିତ ହୋଇଛି )

ଜୁଆଙ୍ଗ ଭାଷାର କ୍ରିୟାରେ ନିମ୍ନଲିଖିତ ସାର୍ବନାମିକ ପ୍ରତ୍ୟୟ ଯୋଗ କରାଯାଏ ।

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | Ø | ba | n |
| ଦ୍ୱିତୀୟ ପୁରୁଷ | m | a | Ø |
| ତୃତୀୟ ପୁରୁଷ | Ø | kia | ki |

ଏଠାରେ ଉଲ୍ଲେଖନୀୟ ଯେ ପ୍ରଥମ ପୁରୁଷ ବହୁବଚନସୂଚକ ପ୍ରତ୍ୟୟ 'n' ଏବଂ ଦ୍ୱିତୀୟପୁରୁଷ ଏକବଚନାତ୍ମକ ପ୍ରତ୍ୟୟ 'm' ଧାତୁରେ ଥିବା ସ୍ୱରଧ୍ୱନିସନ୍ଧି ସଙ୍ଗତି ରକ୍ଷାକରି କ୍ରିୟାର ପୂର୍ବରେ ଅବଧାରିତ ହୁଏ :

ଯଥା : ଆମେମାନେ ପିଉ - niñ n-ur-ke

ତୁ ପିଇଲୁ - am m-ur-ɔ

ଦ୍ୱିତୀୟ ପୁରୁଷ ବହୁବଚନ ପାଇଁ କୌଣସି ପ୍ରତ୍ୟୟ ନାହିଁ । ଏଥିପାଇଁ ମୂଳଧାତୁ ସହ ସଙ୍ଗତି ରକ୍ଷାକରି କ୍ରିୟାର ପୂର୍ବରୁ ସ୍ୱରଧ୍ୱନିଟିଏ ପ୍ରଯୁକ୍ତ ହୁଏ ।

ଯଥା : ତୁମେ ମାନେ ଆସିଲ - ape e-ḍen-ɔ

ତୃତୀୟପୁରୁଷ ଦ୍ୱିବଚନରେ /kia/ ଓ ବହୁବଚନରେ /ki/ କ୍ରିୟାର ପୂର୍ବରେ ତଥା ପରେ ଲାଗେ :

ସେ ଦୁହେଁ ଖାଆନ୍ତି - arɔ-kia-ur–ke-kia

ସେମାନେ ଖାଆନ୍ତି - arɔ-ki-ur-ke-ki

କେତେକ ସକର୍ମକ କ୍ରିୟାରେ ଯଦି ସର୍ବନାମ (ପ୍ରଥମ ଓ ଦ୍ୱିତୀୟ ପୁରୁଷ) କ୍ରିୟାର କର୍ମ ରୂପରେ ବ୍ୟବହୃତ ହୋଇଥାନ୍ତି ତେବେ କ୍ରିୟାରେ ନିମ୍ନଲିଖିତ ସାର୍ବନାମିକ ପ୍ରତ୍ୟୟ ପରପ୍ରତ୍ୟୟ ଭାବେ ଯୁକ୍ତ ହୁଏ । କ୍ରିୟାର କର୍ମସୂଚକ ଏ ଭଳି ଅନ୍ୱୟ କେବଳ ପ୍ରଥମ ଓ ଦ୍ୱିତୀୟ ପୁରୁଷର ଏକବଚନ, ଦ୍ୱିବଚନ ଓ ବହୁବଚନରେ ଲକ୍ଷଣୀୟ ।

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ | -ñ | -ñba | -ñin |
| ଦ୍ୱିତୀୟ | -m | -pa | -pe |

**ଦୃଷ୍ଟାନ୍ତ**

am añ-te mɔ-jɔ-ke-ñ - ତମେ ମତେ ଦେଖ

kamulɔg niñba-te gata-ɔ-ñba - ଲୋକଟିଏ ଆମ ଦୁହିଁଙ୍କୁ କହିଲା

selɔg niñ-te keɽab-ɔ-niñ - କୁକୁର ଆମକୁ କାମୁଡ଼ିଲା

### ୨.୪.୨. କ୍ରିୟାର ରୂପାନ୍ତରଣ

ପ୍ରେରଣାର୍ଥକ କ୍ରିୟା

ପ୍ରେରଣାର୍ଥକ ପ୍ରତ୍ୟୟର ସଂଯୋଗରେ ଅକର୍ମକ କ୍ରିୟା ସକର୍ମକ କ୍ରିୟାରେ ପରିବର୍ତ୍ତିତ ହୁଏ । ନିମ୍ନବିଧି ଅନୁସାରେ ଜୁଆଙ୍ଗ ଭାଷାର କ୍ରିୟା ପ୍ରେରଣାର୍ଥକ ସ୍ୱରୂପରେ ରୂପାନ୍ତରିତ ହୁଏ ।

( i ) /ab/- ଘୋଷ ସ୍ୱନିମ ଥିବା କ୍ରିୟାର ପୂର୍ବରେ /ab/ ପ୍ରଯୁକ୍ତ ହେବାଦ୍ୱାରା -

| | |
|---|---|
| lara - ( ହସିବା ) | ab-lara (ହସେଇବା) |
| ur - ( ପିଇବା ) | ab-ur (ପିଆଇବା) |
| jek - ( କାନ୍ଦିବା ) | ab-jek (କନ୍ଦେଇବା) |

**ଦୃଷ୍ଟାନ୍ତ**

| | |
|---|---|
| ସେ ହସିଲା - arɔ lara-na | ସେ ହସେଇଲା - arɔ ab-lara-ɔ |
| ମୁଁ ପିଏ - añ ur-ke | ମୁଁ ପିଆଏ - añ ab-ur-ke |
| ସେ କାନ୍ଦେ - arɔ jek-ke | ସେ କନ୍ଦାଏ - arɔ ab-jek-ke |

/ab/>/ap/ ଅଘୋଷ ସ୍ୱନିମଥିବା କ୍ରିୟାର ପୂର୍ବରୁ /ap/ ଲାଗିବା ଦ୍ୱାରା

| | |
|---|---|
| peṭe - (ପିଟିବା) | ap-peṭe - ପିଟେଇବା |
| kik - (ନାଚିବା) | ap-kik - ନଚେଇବା |

**ଦୃଷ୍ଟାନ୍ତ**

| | |
|---|---|
| ମୁଁ ପିଟିଲି - añ peṭe - an | ମୁଁ ପିଟେଇଲି - añ ap-peṭe-ɔ |
| ମୁଁ ନାଚେ - añ kik - ke | ମୁଁ ନଚାଏ - añ ap-kik-ke |

/ab/>/-b-/ କେତେକ ଦ୍ୱିବ୍ୟଞ୍ଜନ କ୍ରିୟାରେ /-b-/ ମଧ୍ୟ-ପ୍ରତ୍ୟୟ ଭାବେ ରହି ପ୍ରେରଣାର୍ଥକ ଭାବ ସୃଷ୍ଟି କରେ ।

| | |
|---|---|
| buḷur - (ନିଦରୁ ଉଠିବା) | bubḷur - ଉଠେଇବା |
| ସେ ଉଠିଲା-arɔ-buḷur-an | ସେ ଉଠେଇଲା - arɔ bubḷurɔ |

(ii) ମୂଳ ଧାତୁରେ ଥିବା ସ୍ୱରଧ୍ୱନି ସହ ସଙ୍ଗତି ରକ୍ଷାକରି ଧାତୁର ପୂର୍ବରୁ ସ୍ୱରଧ୍ୱନିଟିଏ ପ୍ରଯୁକ୍ତ ହେବା ଦ୍ୱାରା

| | | |
|---|---|---|
| /u/ | gur - (ପଡ଼ିବା) | u-gur - ପକେଇବା |
| | ḍuir - (ଘରେ ପଶିବା) | u-ḍuir-ପଶେଇବା |
| / a / | jan - (ଗୁଡ଼ିବା) | ajan - ଚଟେଇବା |

## ଦୃଷ୍ଟାନ୍ତ

| | |
|---|---|
| ମୁଁ ପଡ଼ିଲି - añ gur-an | ମୁଁ ପକେଇଲି - añ u-gur-ɔ |
| ସେ ପଶିଲା - arɔ ḍuir-an | ସେ ପଶେଇଲା - arɔ u-ḍuir-ɔ |
| ସେ ଗୁଡ଼େ - arɔ jan-ke | ସେ ଚଟାଏ - arɔ a-jan-ke |

### ୨.୪.୩. ନାସ୍ତ୍ୟର୍ଥକ କ୍ରିୟା

ଅସ୍ତ୍ୟର୍ଥକ କ୍ରିୟାର ପୂର୍ବରୁ a/ama/ (ବର୍ତ୍ତମାନକାଳ ବ୍ୟତୀତ) ଏବଂ ପରେ ନାସ୍ତିବାଚକ ପ୍ରତ୍ୟୟ jena ଯୁକ୍ତ ହେଲେ ନିଷେଧ ଭାବ ବୁଝାଏ ।

ବର୍ତ୍ତମାନ କାଳରେ କ୍ରିୟା ଶେଷରେ /jena/ ଲାଗେ

ମୁଁ କହେନି - añ gata-ke-jena

ସେ ଜାଣିନି - arɔ kɔŋkɔŋ jena

ଆମେମାନେ ପିଇନୁ - niñ n-urur-jena

ଅତୀତ ଓ ଭବିଷ୍ୟତ କାଳରେ (ପ୍ରଥମ ଓ ଦ୍ୱିତୀୟ ପୁରୁଷରେ) କ୍ରିୟାର ପୂର୍ବରୁ /ama/ ଏବଂ ପରେ /jena/ ଯୁକ୍ତ ହୁଏ ।

ମୁଁ ପିଇ ନ ଥିଲି - añ ama-ur-ce-rɔ-jena

ତୁ କହି ନଥିଲୁ - am mama-gata-se-rɔ-jena

ଆମେମାନେ ପିଇନଥିଲୁ - niñ n-ur-ce-re-jena

ତୃତୀୟ ପୁରୁଷର ଅତୀତ ଓ ଭବିଷ୍ୟତ କାଳରେ କ୍ରିୟା ପୂର୍ବରୁ / a / ଲାଗେ ।

ସେ କହିନଥିଲା - arɔ a-gata-se-rɔ-jena

ସେ ଦୁହେଁ ଜାଣିନଥିଲେ - arɔ-kia-a-kɔŋ-se-re-jena-kia

ସେମାନେ ପିଇନଥିଲେ - arɔ-ki-a-ur-ce-re-jena-ki

ନାସ୍ତ୍ୟର୍ଥକ କ୍ରିୟା :

ନାହିଁ ବା ନଥିବା ଅର୍ଥ ବୁଝାଇବାପାଇଁ /jɔte/ ପ୍ରଯୁକ୍ତ ହୁଏ ।

ଅସ୍ତିବାଚକ - añ-a gãɔ-a iskulu-asi-ke

( ମୋ ଗାଁରେ ସ୍କୁଲ ଅଛି )

ନାସ୍ତିବାଚକ - aña gãɔa iskulu jɔte

( ମୋ ଗାଁରେ ସ୍କୁଲ ନାହିଁ )

ଏଠାରେ ଉଲ୍ଲେଖଯୋଗ୍ୟ ଯେ /jɔte/ ଲଗିଲେ ତା ପୂର୍ବରୁ /a/ କିମ୍ବା /ama/ ଯୁକ୍ତ ହୁଏ ନାହିଁ ।

ara - kɔte - jɔte - ତାର ଲୁଗା ନାହିଁ

ama - kuṭij budi jɔte - ତୋର ଟିକିଏ ବୁଦ୍ଧି ନାହିଁ ।

## ୨.୪.୪ ଅସମାପିକା କ୍ରିୟା

ବଡ଼ ବଡ଼ ବାକ୍ୟରେ ଏକାସାଙ୍ଗରେ ଏକାଧିକ କାର୍ଯ୍ୟର କଥା କୁହାଯାଏ । ଏଥିରେ ପ୍ରଧାନ ବା ଶେଷ କାର୍ଯ୍ୟଟି ସମାପିକା କ୍ରିୟା ରୂପରେ ରହେ । ଅନ୍ୟାନ୍ୟ କାର୍ଯ୍ୟ ଅସମାପିକା ରୂପରେ ରହେ । ଏହାର ଗଠନ ସୂତ୍ର :- ଧାତୁ + ପ୍ରତ୍ୟୟ । ଜୁଆଙ୍ଗ ଭାଷାରେ କପରି ବିଭିନ୍ନ ଧରଣର ଅସମାପିକା କ୍ରିୟା ଗଠିତ ହୁଏ ତାହାର ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା ।

(କ) କ୍ରିୟାର୍ଥ କ୍ରିୟା—/te/

(i) kikijɔ upasɔ rɔete ɔḷɔgan

( ନାଲେ ଉପାସ ରହିବାକୁ ପଡ଼ୁଥିଲା )

(ii) erebeḷa jiñjimte kici marasian

( ସେତେବେଳେ ଖାଇବାକୁ କିଛି ନ ଥିଲା । )

(iii) añ sɔsɔbte gɔṭɔkean

( ମୁଁ ଧରିବାକୁ ଦୌଡ଼ିଲି । )

(ଖ) ଅସମ୍ପନ୍ନତା ସୂଚକ (ଧାତୁର ପୁନରାବୃତ୍ତି)

arɔ ɔggɔr ɔggɔr guran

( ସେ ଯାଇ ଯାଇ ପଡ଼ିଲା । )

añ gatae gatae arɔ leberɔ

( ମୁଁ କହୁ କହୁ ସେ ଶୋଇପଡ଼ିଲା )

(ଗ) ଚଳନ୍ତା ସୂଚକ – /ta/

arɔ jekta jekta gataɔ

( ସେ ଖାଉ ଖାଉ କହିଲା । )

(ଗ) ସର୍ତ୍ତମୂଳକ /jɔ/

(i) añ garjɔ arɔ maṛiñjan
( ମୁଁ ମାଗିଲରୁ ସେ ଦେଲାନ )

(ii) arɔ ḍakeɔjɔ añ ɔna
( ସେ ଡାକଲେ ମୁଁ ଯିବ )

## ୨.୪.୪. ଦୃଷ୍ଟାନ୍ତ ମୂଳକ ରୂପାବଳୀ

ଧାତୁ (ସକର୍ମକ) ur-ପି/ଖା (ପିଇବା/ଖାଇବା)

### ବର୍ତ୍ତମାନ କାଳ

ବର୍ତ୍ତମାନ ସାମାନ୍ୟ

ପ୍ରଥମ ପୁରୁଷ

ଏକ - ମୁଁ ପିଏ – añ ur-ke

ଦ୍ୱି - ଆମେ ପିଉ - niñba ba-ur-ke

ବହୁ - ଆମେମାନେ ପିଉ - niñ n-ur-ke

ଦ୍ୱିତୀୟ ପୁରୁଷ

ଏକ - ତୁ ପିଉ - am m-ur ke

ଦ୍ୱି - ତୁମେ ପିଅ - apa a-ur-ke

ବହୁ - ତୁମେମାନେ ପିଅ - ape i-ur-ke

ତୃତୀୟ ପୁରୁଷ

ଏକ - ସେ ପିଏ - arɔ-ur-ke

ଦ୍ୱି - ସେ ଦୁହେଁ ପିଅନ୍ତି - arɔ-kia ur-ke-kia

ବହୁ - ସେମାନେ ପିଅନ୍ତି - arɔ-ki ur-ke-ki

### ବର୍ତ୍ତମାନ ଅସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ପିଉଅଛି - añ ur-nɔm-ṛe

ଦ୍ୱି - ଆମେ ପିଉଅଛୁ - niñ ba ba-ur-nɔm-ṛe

ବହୁ - ଆମେମାନେ ପିଉଅଛୁ - niñ n-ur-nɔm-ṛe

ଦ୍ୱିତୀୟ ପୁରୁଷ

ଏକ - ତୁ ପିଉଅଛୁ - am m-ur-nɔm-ṛe

ଦ୍ୱି - ତୁମେ ପିଉଅଛ - apa a-ur-nɔmṛe

ବହୁ - ତୁମେମାନେ ପିଉଅଛ - ape i-ur-nɔm-ṛe

ତୃତୀୟ ପୁରୁଷ

ଏକ - ସେ ପିଉଅଛି - arɔ ur-nɔm-ṛe

ଦ୍ୱି - ସେ ଦୁହେଁ ପିଉଅଛନ୍ତି - arɔ-kia-ur-nɔm-ṛe-kia

ବହୁ - ସେମାନେ ପିଉଅଛନ୍ତି - arɔ-ki ur-nɔm-ṛe-ki

## ବର୍ତ୍ତମାନ ସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ପିଇଛି - añ uṛ-ce-ke

ଦ୍ୱି - ଆମେ ପିଇଛୁ - niñba ba-ur-ce-ke

ବହୁ - ଆମେମାନେ ପିଇଛୁ - niñ n-ur-ce-ke

ଦ୍ୱିତୀୟ ପୁରୁଷ

ଏକ - ତୁ ପିଇଛୁ - am m-ur-ce-ke

ଦ୍ୱି - ତୁମେ ପିଇଛ - apa a-ur-ce-ke

ବହୁ - ତୁମେମାନେ ପିଇଛ - ape i-ur-ce-ke

ତୃତୀୟ ପୁରୁଷ

ଏକ - ସେ ପିଇଛି - arɔ ur-ce-ke

ଦ୍ୱି - ସେ ଦୁହେଁ ପିଇଛନ୍ତି - arɔ-kia ur-ce-ke-kia

ବହୁ - ସେମାନେ ପିଉଛନ୍ତି - arɔ-ki ur-ce-ke-ki

## ଅତୀତ ସାମାନ୍ୟ

ପ୍ରଥମ ପୁରୁଷ

ଏକ - ମୁଁ ପିଇଲି - añ ɔr-ɔ

ଦ୍ୱି - ଆମେ ପିଇଲୁ - niñba ba-ur-ɔ

ବହୁ - ଆମେମାନେ ପିଇଲୁ - niñ n-ur-ɔ

ଦ୍ୱିତୀୟ ପୁରୁଷ

ଏକ - ତୁ ପିଇଲୁ - am m-ur-ɔ

ଦ୍ୱି - ତୁମେ ପିଇଲ - apa a-ur-ɔ

ବହୁ - ତୁମେମାନେ ପିଇଲ - ape i-ur-ɔ

ତୃତୀୟ ପୁରୁଷ

ଏକ - ସେ ପିଇଲା - arɔ-ur-ɔ

ଦ୍ୱି - ସେ ଦୁଇଜଣ ପିଇଲେ - arɔ-kia-ur-ɔ-kia

ବହୁ - ସେମାନେ ପିଇଲେ - arɔ-ki-ur-ɔ-ki

## ଅତୀତ ଅସଂପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ପିଉଥିଲି - añ-ur-nɔm-an

ଦ୍ୱି - ଆମେ ପିଉଥିଲୁ - niñba-ba-ur-nɔm-an

ବହୁ - ଆମେମାନେ ପିଉଥିଲୁ - niñ-n-ur-nɔm-an

ଦ୍ୱିତୀୟ ପୁରୁଷ

ଏକ - ତୁ ପିଉଥିଲୁ - am-m-ur-nɔm-an

ଦ୍ୱି - ତୁମେ ଦୁଇଜଣ ପିଉଥିଲ - apa-a-ur-nɔm-an

ବହୁ - ତୁମେମାନେ ପିଉଥିଲ - ape-i-ur-nɔm-an

ତୃତୀୟ ପୁରୁଷ

ଏକ - ସେ ପିଉଥିଲା - arɔ-ur-nɔm-an

ଦ୍ୱି - ସେ ଦୁହେଁ ପିଉଥିଲେ - arɔ-kia-ur-nɔm-an-kia

ବହୁ - ସେମାନେ ପିଉଥିଲେ - arɔ-ki-ur-nɔm-an-ki

## ଅତୀତ ସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ପିଇଥିଲି - añ-ur-ce-rɔ

ଦ୍ୱି - ଆମେ ପିଇଥିଲୁ - niñba ba-ur-ce-rɔ

ବହୁ - ଆମେମାନେ ପିଇଥିଲୁ - niñ n-ur-ce-rɔ

ଦ୍ୱିତୀୟ ପୁରୁଷ

ଏକ - ତୁ ପିଇଥିଲୁ - am-m-ur-ce-rɔ

ଦ୍ୱି - ତୁମେ ପିଇଥିଲ - apa-a-ur-ce-rɔ

ବହୁ - ତୁମେମାନେ ପିଇଥିଲ - ape-i-ur-ce-rɔ

ତୃତୀୟ ପୁରୁଷ

ଏକ - ସେ ପିଇଥିଲା - arɔ ur-ce-rɔ

ଦ୍ୱି - ସେ ଦୁଇଜଣ ପିଇଥିଲେ - arɔ-kia-ur-ce-rɔ-kia

ବହୁ - ସେମାନେ ପିଇଥିଲେ - arɔ-ki-ur-ce-rɔ-ki

## ଭବିଷ୍ୟତ ସାମାନ୍ୟ

ପ୍ରଥମ ପୁରୁଷ

ଏକ - ମୁଁ ପିଇବି - añ ur-e

ଦ୍ୱି - ଆମେ ପିଇବୁ - niñba ba-ur-e

ବହୁ - ଆମେମାନେ ପିଇବୁ - niñ n-ur-e

ଦ୍ୱିତୀୟ ପୁରୁଷ

ଏକ - ତୁ ପିଇବୁ - am m-ur-e

ଦ୍ୱି - ତୁମେ ପିଇବ - apa a-ur-e

ବହୁ - ତୁମେମାନେ ପିଇବ - ape i-ur-e

ତୃତୀୟ ପୁରୁଷ

ଏକ - ସେ ପିଇବ - arɔ ur-e

ଦ୍ୱି - ସେ ଦୁହେଁ ପିଇବେ - arɔ-kia-ur-e-kia

ବହୁ - ସେମାନେ ପିଇବେ - arɔ-ki-ur-e ki

## ଭବିଷ୍ୟତ ଅସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ପିଉଥିବି - añ ur-nɔm-a

ଦ୍ୱି - ଆମେ ପିଉଥିବୁ - niñba ba-ur-nɔm-a

ବହୁ - ଆମେମାନେ ପିଉଥିବୁ - niñ n-ur-nɔm-a

ଦ୍ୱିତୀୟ ପୁରୁଷ

ଏକ - ତୁ ପିଉଥିବୁ - am m-ur-nɔm-a

ଦ୍ୱିତୀୟ ପୁରୁଷ

ଏକ - ତୁ ବସୁ - am me-ḍen-ṛe

ଦ୍ୱି - ତୁମେ ବସ - apa a-ḍen-ṛe

ବହୁ - ତୁମେମାନେ ବସ - ape e-ḍen-ṛe

ତୃତୀୟ ପୁରୁଷ

ଏକ - ସେ ବସୁ - arɔ ḍen-ṛe

ଦ୍ୱ - ସେମାନେ ବସନ୍ତୁ - arɔ-kia-ḍen-ṛe-kia

ବହୁ - ସେମାନେ ବସନ୍ତୁ - arɔ-ki ḍen-ṛe-ki

## ବର୍ତ୍ତମାନ ଅସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ବସୁଅଛି - añ ḍeɟgɔr-nɔm-ṛe

ଦ୍ୱି - ଆମେ ବସୁଅଛୁ - niñba ba-ḍeɟgɔr-nɔm-ṛe

ବହୁ - ଆମେମାନେ ବସୁଅଛୁ - niñ ne-ḍeɟgɔr-nɔm-ṛe

ଦ୍ୱିତୀୟ ପୁରୁଷ

ଏକ - ତୁ ବସୁଅଛୁ - am me-ḍeɟgɔr-nɔm-ṛe

ଦ୍ୱ - ତୁମେ ବସୁଅଛ - apa a-ḍeɟgɔr-nɔm-ṛe

ବହୁ - ତୁମେମାନେ ବସୁଅଛ - ape e-ḍeɟgɔr-nɔm-ṛe

ତୃତୀୟ ପୁରୁଷ

ଏକ - ସେ ବସୁଅଛି - arɔ ḍeɟgɔr-nɔm-ṛe

ଦ୍ୱ - ସେମାନେ ବସୁଅଛନ୍ତି - arɔ-kia-ḍeɟgɔr-nɔm-ṛe-kia

ବହୁ - ସେମାନେ ବସୁଅଛନ୍ତି - arɔ-ki ḍeɟgɔr-nɔm-ṛe-ki

## ବର୍ତ୍ତମାନ ସମ୍ପନ୍ନ

ପ୍ରଥମ ପୁରୁଷ

ଏକ – ମୁଁ ବସିଛି - añ ḍen-ce-re

ଦ୍ୱ - ଆମେ ବସିଛୁ - niñba ba-ḍen-ce-re

ବହୁ – ଆମେମାନେ ବସିଛୁ – niñ ne-ḍen-ce-re

ଦ୍ୱିତୀୟ ପୁରୁଷ

ଏକ - ତୁ ଆସିଛୁ - am me-ḍen-ce-re

ଦ୍ୱି - ତୁମେ ଆସିଛ - apa a-ḍen-ce-re

ବହୁ - ତୁମେମାନେ ଆସିଛ ape e-ḍen-ce-re

ତୃତୀୟ ପୁରୁଷ

ଏକ - ସେ ଆସିଛି - arɔ ḍen-ce-re

ଦ୍ୱି - ସେମାନେ ଆସିଛନ୍ତି - arɔ-kia-ḍen-ce-re-kia

ବହୁ - ସେମାନେ ଆସିଛନ୍ତି - arɔ-ki-ḍen-ce-re-ki

## ଅତୀତ ସାମାନ୍ୟ

ପ୍ରଥମ ପୁରୁଷ

ଏକ - ମୁଁ ଆସିଲି - añ ḍen-ɔ

ଦ୍ୱି - ଆମେ ଆସିଲୁ - niñba ba-ḍen-ɔ

ବହୁ - ଆମେମାନେ ଆସିଲୁ - niñ ne-ḍen-ɔ

ଦ୍ୱିତୀୟ ପୁରୁଷ

ଏକ - ତୁ ଆସିଲୁ - ȧm me-ḍen-ɔ

ଦ୍ୱି - ତୁମେ ଆସିଲ - apa a-ḍen–ɔ

ବହୁ - ତୁମେମାନେ ଆସିଲ - ape e–ḍen-ɔ

ତୃତୀୟ ପୁରୁଷ

ଏକ - ସେ ଆସିଲା - arɔ ḍen-ɔ

ଦ୍ୱି - ସେମାନେ ଆସିଲେ - arɔ-kia ḍen-ɔ-kia

ବହୁ – ସେମାନେ ଆସିଲେ - arɔ-ki ḍen-ɔ-ki

## ଅତୀତ ଅସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ଆସୁଥିଲି - añ ḍeggɔr-nɔm-an

ଦ୍ୱି - ଆମେ ଆସୁଥିଲୁ - niñba ba-ḍeggɔr-nɔm-an

ବହୁ - ଆମେମାନେ ଆସୁଥିଲୁ - niñ ne-ḍeggɔr-nɔm-an

ଦ୍ୱିତୀୟ ପୁରୁଷ

ଏକ - ତୁ ଆସୁଥିଲୁ - am me-ḍeɟɟɔr-nɔm-an

ଦ୍ୱି - ତୁମେ ଆସୁଥିଲ - apa a-ḍeɟɟɔr-nɔm-an

ବହୁ - ତୁମେମାନେ ଆସୁଥିଲ - ape e-ḍeɟɟɔr-nɔm-an

ତୃତୀୟ ପୁରୁଷ

ଏକ - ସେ ଆସୁଥିଲ - arɔ ḍeɟɟɔr-nɔm-an

ଦ୍ୱି - ସେମାନେ ଆସୁଥିଲେ-arɔ-kia-ḍeɟɟɔr-nɔm-an-kia

ବହୁ - ସେମାନେ ଆସୁଥିଲେ - arɔ-ki-ḍeɟɟɔr-nɔm-an-ki

## ଅତୀତ ସମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ଆସିଥିଲି - añ ḍen-ce-rɔ

ଦ୍ୱି - ଅମେ ଆସିଥିଲୁ - niñba ba-ḍen-ce-rɔ

ବହୁ - ଆମେମାନେ ଆସିଥିଲୁ - niñ ne-ḍen-ce-rɔ

ଦ୍ୱିତୀୟ ପୁରୁଷ

ଏକ - ତୁ ଆସିଥିଲୁ - am me-ḍen-ce-rɔ

ଦ୍ୱି - ତୁମେ ଆସିଥିଲ - apa a-ḍen-ce-rɔ

ବହୁ - ତୁମେମାନେ ଆସିଥିଲ - ape e-ḍen-ce-rɔ

ତୃତୀୟ ପୁରୁଷ

ଏକ - ସେ ଆସିଥିଲା - arɔ ḍen-ce-rɔ

ଦ୍ୱି - ସେମାନେ ଆସିଥିଲେ – arɔ-kia ḍen-ce-rɔ-kia

ବହୁ - ସେମାନେ ଆସିଥିଲେ - arɔ-ki- ḍen-ce-rɔ-ki

## ଭବିଷ୍ୟତ ସାମାନ୍ୟ

ପ୍ରଥମ ପୁରୁଷ

ଏକ - ମୁଁ ଆସିବି - añ ḍen-a

ଦ୍ୱି - ଅମେ ଆସିବୁ - niñba ba-ḍen-a

ବହୁ - ଆମେମାନେ ଆସିବୁ - niñ ne-ḍen-a

ଦ୍ୱିତୀୟ ପୁରୁଷ

ଏକ - ତୁ ଆସିବୁ - am me-ḍen-a

ଦ୍ୱି - ତୁମେ ଆସିବ - apa a-ḍen-a

ବହୁ - ତୁମେମାନେ ଆସିବ - ape e-ḍen-a

ତୃତୀୟ ପୁରୁଷ

ଏକ - ସେ ଆସିବ - arɔ- ḍen-a

ଦ୍ୱି - ସେମାନେ ଆସିବେ - arɔ-kia ḍen-a-kia

ବହୁ - ସେମାନେ ଆସିବେ - arɔ-ki ḍen-a-ki

## ଭବିଷ୍ୟତ ଅସଂମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ଆସୁଥିବି - añ ḍeggɔr-nɔm-na

ଦ୍ୱି - ଆମେ ଆସୁଥିବୁ - niñba ba-ḍeggɔr-nɔm-na

ବହୁ - ଆମେମାନେ ଆସୁଥିବୁ - niñ ne-ḍeggɔr-nɔm-na

ଦ୍ୱିତୀୟ ପୁରୁଷ

ଏକ - ତୁ ଆସୁଥିବୁ - am me-ḍeggɔr-nɔm-na

ଦ୍ୱି - ତୁମେ ଆସୁଥିବ - apa a-ḍeggɔr-nɔm-na

ବହୁ - ତୁମେମାନେ ଆସୁଥିବ - ape- e-ḍeggɔr-nɔm-na

ତୃତୀୟ ପୁରୁଷ

ଏକ - ସେ ଆସୁଥିବ - arɔ ḍeggɔr-nɔm-na

ଦ୍ୱି - ସେମାନେ ଆସୁଥିବେ - arɔ-kia ḍeggɔr-nɔm-na-kia

ବହୁ – ସେମାନେ ଆସୁଥିବେ - arɔ-ki ḍeggɔr-nɔm-na-ki

## ଭବିଷ୍ୟତ ସଂମ୍ପନ୍ନ

ପ୍ରଥମ ପୁରୁଷ

ଏକ - ମୁଁ ଆସିଥିବି - añ ḍen-ce-na

ଦ୍ୱି - ଆମେ ଆସିଥିବୁ - niñba ba-ḍen-ce-na

ବହୁ - ଆମେମାନେ ଆସିଥିବୁ - niñ ne-ḍen-ce-na

ଦ୍ୱିତୀୟ ପୁରୁଷ

ଏକ - ତୁ ଆସିଥିବୁ - am me-ḍen-ce-na

ଦ୍ୱି - ତୁମେ ଆସିଥିବ - apa a·ḍen-ce-na

ବହୁ - ତୁମେମାନେ ଆସିଥିବ - ape e·ḍen·ce-na

ତୃତୀୟ ପୁରୁଷ

ଏକ - ସେ ଆସିଥିବ - arɔ ḍen–ce-na

ଦ୍ୱି - ସେମାନେ ଆସିଥିବେ - arɔ-kia ḍen-ce-na-kia

ବହୁ - ସେମାନେ ଆସିଥିବେ - arɔ-ki·ḍen-ce-na-ki

## ୨.୫ ନିପାତ (ପ୍ରକାର୍ଯ୍ୟ-ଶବ୍ଦ)

ନିପାତ ରୂପରଚନା ପ୍ରକ୍ରିୟା ଦୃଷ୍ଟିରୁ ଅବିକାରୀ ବା ଅବ୍ୟୟ । ଏଗୁଡ଼ିକ ମୁକ୍ତ ରୂପିମ, ମାତ୍ର ସେମାନଙ୍କ ବ୍ୟାକରଣ ବାକ୍ୟରଚନାତ୍ମକ କୋଟିରେ ଆବଦ୍ଧ । ବାକ୍ୟରେ ଅବସ୍ଥିତି ଅନୁସାରେ ନିର୍ଦ୍ଦିଷ୍ଟ ପ୍ରକାର୍ଯ୍ୟ ସାଧନ କରୁଥିବାରୁ ଏଗୁଡ଼ିକ ପ୍ରକାର୍ଯ୍ୟ ଶବ୍ଦ ଭାବରେ ଗ୍ରହଣୀୟ । ଜୁଆଙ୍ଗ ଭାଷାରେ ନିମ୍ନଲିଖିତ ଶବ୍ଦଗୁଡ଼ିକ ବାକ୍ୟ ମଧ୍ୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ନିମନ୍ତେ ବ୍ୟବହୃତ ହୁଅନ୍ତି । ଏ ଶବ୍ଦଗୁଡ଼ିକ ଅବ୍ୟୟ ଅର୍ଥାତ୍ ଏଗୁଡ଼ିକର କୌଣସି ରୂପ ପରିବର୍ତ୍ତନ ଘଟେ ନାହିଁ ।

(୧) ନିର୍ଦ୍ଧାରଣାର୍ଥକ

/gɔṭa/ - ଟା (ସଂଖ୍ୟାବାଚକ ଶବ୍ଦରେ ବ୍ୟବହୃତ)

pañcɔgɔṭa-ପାଞ୍ଚଟା

/ muĩ / - ଏକ (ସଂଖ୍ୟାବାଚକ ଶବ୍ଦରେ ବ୍ୟବହୃତ)

kuṛimuĩ - କୋଡ଼ିଏ

muĩkua - ଅଞ୍ଜୁଳାଏ

ɔjarɔmuĩ - ଏକହଜାର

(୨) ପ୍ରଶ୍ନବାଚକ

/bɪri/ - କଣ (apea naɔ̃ biri ? ତୁମ ନାଁ କଣ ?)

/bite/ - କାହିଁକି (añ bite gataerɔ - ମୁଁ କାହିଁକି କହିବ ?)

/maṇḍi/ - କେଉଁ (maṇḍisumusiŋ? - କେଉଁ ଘର ?)

/aṛi/ - କିଏ (aṛi ḍencere - କିଏ ଆସିଛି ?)

/ri/ - କି (am mɔnari ? - ତୁ ଶିଖୁ କି ?)

(୩) ହେତୁ ସୂଚକ

/ete/ - ତେଣୁ

/erete/ - ଯୋଗୁଁ, ସେଥିପାଇଁ

/etakuri/ - ଏହୁପର

/judi/ - ଯଦି

/naele/ - ନହେଲେ

